# ଯୋଜନା ଓ ସଂଯୋଜନ ବିଭାଗର କାର୍ଯ୍ୟାବଳୀ : ୨୦୨୦-୨୧

## ୧. ଯୋଜନା ଓ ସଂଯୋଜନ ବିଭାଗର ଭୂମିକା ଏବଂ କାର୍ଯ୍ୟକାରୀତା

୧.୧ ରାଜ୍ୟର ତଥା ଏହାର ଭିନ୍ନ ଭିନ୍ନ ଅଞ୍ଚଳର ଅବାରିତ ଉନ୍ନୟନ ପାଇଁ ସମ୍ପଦର ସୁବ୍ୟବସ୍ଥିତ ଓ ଯୋଜନାବଦ୍ଧ ସୁବିନିଯୋଗକୁ ଦୃଷ୍ଟିରେ ରଖି ଯୋଜନା ଓ ସମନ୍ୱୟ ବିଭାଗକୁ ୦୧.୦୩.୨୦୧୬ ଠାରୁ ଯୋଜନା ଓ ସଂଯୋଜନ ବିଭାଗ ନାମରେ ନାମିତ କରାଯାଇଅଛି । ରାଜ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ଏହି ବିଭାଗ ସ୍ୱଳ୍ପ ମିଆଦୀ ଓ ଦୀର୍ଘ ମିଆଦୀ ରଣନୀତି ପ୍ରସ୍ତୁତି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଏହି ବିଭାଗ ଅନ୍ୟ ବିଭାଗମାନଙ୍କ ସହ ସମନ୍ୱୟ ରକ୍ଷା କରେ ଏବଂ ବିକାଶର ଢାଞ୍ଚା ପ୍ରସ୍ତୁତ କରିଥାଏ ।

୧.୨ ଏହି ବିଭାଗ ଯୋଜନା ଆଭିମୁଖ୍ୟର ପୂର୍ଣ୍ଣ ରୂପାୟନ ନିମନ୍ତେ ଉନ୍ନୟନ କାର୍ଯ୍ୟକ୍ରମଗୁଡିକର ନିୟମିତଭାବେ ପର୍ଯ୍ୟାଲୋଚନାକରି ସେଥିରେ ଆବଶ୍ୟକୀୟ ଭୌତିକ ଏବଂ ଆର୍ଥିକ ପରିବର୍ତ୍ତନ କରିଥାଏ । ଭିନ୍ନ ଭିନ୍ନ ସମୟରେ ଏହି ବିଭାଗ ବିଭିନ୍ନ କାର୍ଯ୍ୟକ୍ରମର ମୂଲ୍ୟାୟନ କରିଥାଏ ।

୧.୩ ଯୋଜନା ଓ ସଂଯୋଜନ ବିଭାଗ ଯୋଜନାର ବିକେନ୍ଦ୍ରୀକରଣକୁ ପ୍ରୋତ୍ସାହିତକରିବା ସହିତ ଆଞ୍ଚଳିକ ବିକାଶ ଉଦ୍ଦେଶ୍ୟରେ ଜିଲ୍ଲାସ୍ତରୀୟ ଯୋଜନାର କାର୍ଯ୍ୟକାରିତାକୁ ତଦାରଖ କରିଥାନ୍ତି । ଯୋଜନାର ବିକେନ୍ଦ୍ରୀକରଣ କରିବାପାଇଁ ଅନେକଗୁଡିଏ ପଦକ୍ଷେପ ନିଆଯାଇଛି।ରାଜ୍ୟର ସବୁ ଜିଲ୍ଲାରେ ଜିଲ୍ଲା ଯୋଜନା କମିଟିମାନ ଗଠନ କରାଯାଇଛି । ୨୦୦୮-୦୯ ବର୍ଷ ଠାରୁ ନିୟମିତ ଭାବରେ ଜିଲ୍ଲା ଯୋଜନାମାନ ପ୍ରସ୍ତୁତ କରାଯାଉଛି । ସବୁ ବାର୍ଷିକ ଜିଲ୍ଲା ଯୋଜନାର ଏକ ସାରାଂଶ ରାଜ୍ୟ ଯୋଜନାରେ ୨୦୧୦-୧୧ ବର୍ଷ ଠାରୁ ସ୍ଥାନିତ ହେଉଛି ।

୧.୪ ପଶ୍ଚିମାଞ୍ଚଳ ବିକାଶ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦ ଗଠନ କରାଯାଇଛି । ସଂପ୍ରତି ରାଜ୍ୟ ସରକାର ୮ ଗୋଟି କେ.ବି.କେ. ଜିଲ୍ଲା ପାଇଁ "ବିଜୁ କେ.ବି.କେ ଯୋଜନା" ଏବଂ କନ୍ଧମାଳ ଓ ଗଜପତି ଜିଲ୍ଲାପାଇଁ "ବିଜୁ କନ୍ଧମାଳ 'ଓ' ଗଜପତି ଯୋଜନା" ଆରମ୍ଭ କରିଛନ୍ତି । ଏହା "ବିଜୁଳି", "ସଡକ" ଓ "ପାଣି" କାର୍ଯ୍ୟକ୍ରମ ଉପରେ

ଆଧାରିତ । ଦାରିଦ୍ର୍ୟ ଏବଂ ମାନବ ବିକାଶର ସୂଚକର ସମୀକ୍ଷା ପାଇଁ ରାଜ୍ୟରେ ମଧ୍ୟ ଏକ "ଦାରିଦ୍ର୍ୟ ଏବଂ ମାନବ ବିକାଶ ପର୍ଯ୍ୟାଲୋଚନା ସଂସ୍ଥା" ସ୍ଥାପିତ ହୋଇଛି ।

୧.୫ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ମାଧ୍ୟମରେ ଏହି ବିଭାଗ ବିଭିନ୍ନ ଉନ୍ନୟନ ଓ ତଦ୍ ସମ୍ବନ୍ଧୀୟ କାର୍ଯ୍ୟର ତଥ୍ୟ ସଂଗ୍ରହ, ସମିଶ୍ରଣ ତଥା ବିଶ୍ଳେଷଣ କାର୍ଯ୍ୟ କରିଥାଏ ।

୧.୬ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷାକରିବା ମଧ୍ୟ ଏହି ବିଭାଗର ଦାୟିତ୍ୱ । ବିଭାଗୀୟ ସଚିବ ଏବଂ ସ୍ୱତନ୍ତ୍ର ସଚିବମାନଙ୍କର ମାସିକ ସଭା ଏହି ବିଭାଗଦ୍ୱାରା ସଂଗଠିତ ହୋଇଥାଏ । ଏହି ସଭାରେ ବିଭିନ୍ନ ବିଭାଗମାନଙ୍କ ମଧ୍ୟରେ ଥିବା ସମନ୍ୱୟ ପ୍ରସଙ୍ଗର ସମାଧାନ କରାଯାଇଥାଏ । ଏହାଛଡା ଅନେକ ବିଭାଗର ମିଳିତ ଉଦ୍ୟୋଗ ଆବଶ୍ୟକ ହେଉଥିବା ଯୋଜନା କାର୍ଯ୍ୟକ୍ରମର ରୂପରେଖ ମଧ୍ୟ ଏହି ସଭାରେ ନିର୍ଦ୍ଧାରିତ ହୋଇଥାଏ । ଏହି ବିଭାଗରେ ସଚିବ ଓ ବିଭାଗୀୟ ମୁଖ୍ୟମାନଙ୍କର ଗସ୍ତ ବିବରଣୀ ତଥା ଜିଲ୍ଲାପାଳମାନଙ୍କର ପାକ୍ଷିକ ପରିସ୍ଥିତି ବିବରଣୀ ନିୟମିତ ଭାବେ ପର୍ଯ୍ୟାଲୋଚିତ ହୋଇଥାଏ । ସେହିପରି ସଚିବ ତଥା ବରିଷ୍ଠ ଅଧିକାରୀମାନଙ୍କ ପ୍ରତିମାସର ବିଭିନ୍ନ ଜିଲ୍ଲା ଗସ୍ତ ବିବରଣୀର ପର୍ଯ୍ୟାଲୋଚନା ହୋଇ ବିହିତ କାର୍ଯ୍ୟାନୁଷ୍ଠାନ କରାଯାଇଥାଏ। ଜିଲ୍ଲାମାନଙ୍କର ଉନ୍ନୟନ କାର୍ଯ୍ୟକ୍ରମର ସମୀକ୍ଷା ମଧ୍ୟ ଏହି ବିଭାଗ କରିଥାଏ ।

## ୨ . କାର୍ଯ୍ୟକ୍ରମ ବ୍ୟୟବରାଦ ୨୦୨୦-୨୧

୨.୧ ଏକ ଅବିରତ ତଥା ଉଚ୍ଚତର ସର୍ବାଭିମୁଖୀ ଅର୍ଥନୈତିକ ଅଭିବୃଦ୍ଧି ହାସଲ, ତ୍ୱରାନ୍ୱିତ ସର୍ବାଙ୍ଗୀନ ଉନ୍ନତି, ଆଞ୍ଚଳିକ, ସାମାଜିକ ଓ ଲିଙ୍ଗଗତ ବୈଷମ୍ୟ ଦୂରୀକରଣ ଏବଂ ଦ୍ରୁତ ଦାରିଦ୍ର୍ୟ ହ୍ରାସ ନିମନ୍ତେ ରାଜ୍ୟ ସରକାର ଧାରାବାହିକ ଭାବରେ ଚେଷ୍ଟିତ ଅଛନ୍ତି । ରାଜ୍ୟର ଯୋଜନା ଭିତ୍ତିକ ଉନ୍ନତି ନିମନ୍ତେ କ୍ରମଶଃ ଅଧିକ ପରିମାଣ ସମ୍ବଳର ବ୍ୟବସ୍ଥା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଅବିରତ ଉଦ୍ୟମ ଜାରିରହିଛି । ସରକାରୀ ଉଦ୍ୟୋଗର ୪୦୦୦ କୋଟି ଟଙ୍କାର ସମ୍ବଳକୁ ମିଶାଇ ରାଜ୍ୟର କାର୍ଯ୍ୟକ୍ରମ ବ୍ୟୟବରାଦ ବାବଦରେ ୨୦୨୦-୨୧ ଆର୍ଥିକ ବର୍ଷ ନିମନ୍ତେ ସମୁଦାୟ ୭୯,୬୫୦.୦୦ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି । ସମୁଦାୟ ଅଟକଳ ମଧ୍ୟରୁ ରାଜ୍ୟର ନିଜସ୍ୱ ଯୋଜନା ପାଇଁ ୪୬,୬୩୮.୦୯ କୋଟି ଟଙ୍କା, କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ପାଇଁ ୨୮,୫୫୫.୭୦ କୋଟି ଟଙ୍କା ତଥା କେନ୍ଦ୍ରୀୟ ଯୋଜନା ପାଇଁ ୪୫୬.୨୦ କୋଟି ଟଙ୍କା ନିର୍ଦ୍ଧାରିତ କରାଯାଇଛି ।

## ଅର୍ଥନୈତକ ଅଭିବୃଦ୍ଧି ଓ ଦାରିଦ୍ର୍ୟ ହ୍ରାସ

୨.୨ ଅର୍ଥନୈତିକ ଅଭିବୃଦ୍ଧି ଓ ଦାରିଦ୍ର୍ୟ ହ୍ରାସ କ୍ଷେତ୍ରରେ ଓଡିଶା ରାଜ୍ୟ ପ୍ରଶଂସନୀୟ ଲକ୍ଷ୍ୟ ହାସଲ କରିଛି । ୨୦୧୨-୧୩ ରୁ ୨୦୧୯-୨୦ (ପ୍ରଥମ ସଂଶୋଧିତ ଆକଳନ) ମଧ୍ୟରେ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ହାର ୨୦୧୧-୧୨ ସ୍ଥିର ମୂଲ୍ୟରେ ବାର୍ଷିକ ହାରାହାରି ୭.୦୬ ଶତକଡା ହୋଇଅଛି । ୨୦୧୯-୨୦(ପ୍ରଥମ ସଂଶୋଧିତ ଆକଳନ) ଆର୍ଥିକବର୍ଷ ନିମନ୍ତେ ହୋଇଥିବା ପ୍ରଥମ ସଂଶୋଧିତ ଆକଳନ ଅନୁଯାୟୀ ଓଡିଶାର ଅଭିବୃଦ୍ଧି ହାର ୨୦୧୧-୧୨ ସ୍ଥିର ମୂଲ୍ୟରେ ୫.୨୧ ଶତକଡା ହୋଇଛି । ୨୦୧୯-୨୦(ପ୍ରଥମ ସଂଶୋଧିତ ଆକଳନ) ବର୍ଷରେ କୃଷିକ୍ଷେତ୍ର, ଶିଳ୍ପକ୍ଷେତ୍ର ଏବଂ ସେବାକ୍ଷେତ୍ରରେ ଅଭିବୃଦ୍ଧିହାର ୨୦୧୧-୧୨ ସ୍ଥିର ମୂଲ୍ୟରେ ଯଥାକ୍ରମେ ଶତକଡା ୧୧.୯୨, ୩.୬୧ ଏବଂ ୬.୯୨ ଆକଳନ କରାଯାଇଛି ।

୨.୩ ୨୦୧୯-୨୦(ପ୍ରଥମ ସଂଶୋଧିତ ଆକଳନ) ଆର୍ଥିକ ବର୍ଷରେ ରାଜ୍ୟର ପ୍ରକୃତ ମୁଣ୍ଡ ପିଛା ଆୟ ୨୦୧୧-୧୨ ଚଳିତ ମୂଲ୍ୟରେ ୪୮,୪୯୯ ଟଙ୍କାରୁ ୧,୦୪,୫୬୬ ଟଙ୍କାକୁ ବୃଦ୍ଧି ପାଇଛି ।

୨.୪ ରାଜ୍ୟର ଦାରିଦ୍ର୍ୟ ହାର ୨୦୦୪-୦୫ ରେ ଶତକଡା ୫୭.୨୦ ଥିବାସ୍ଥଳେ, ଏହା ୨୦୧୧-୧୨ରେ ଶତକଡା ୩୨.୬୦କୁ ଅର୍ଥାତ ୨୪.୬୦ ପଏଣ୍ଟ ହ୍ରାସ ପାଇଛି, ଯାହାକି ଏହି ସମୟ ମଧ୍ୟରେ ଦେଶର ସମସ୍ତ ରାଜ୍ୟମାନଙ୍କ ମଧ୍ୟରେ ସର୍ବାଧିକ ହ୍ରାସ ଅଟେ।

## COVID-19 ମହାମାରୀର ମୁକାବିଲା ପାଇଁ ଓଡିଶା ଜୀବିକା ନିର୍ବାହ ହସ୍ତକ୍ଷେପ

୨.୫ COVID-19 ମହାମାରୀ ରେ ସୃଷ୍ଟି ହୋଇଥିବା ଅଦୃଶ୍ୟ/ ଅଭୂତପୂର୍ବ ଅର୍ଥନୈତିକ ସଙ୍କଟ ସମୟରେ, ନିରବଚ୍ଛିନ୍ନ କୃଷି କାର୍ଯ୍ୟ ତଥା ସହଯୋଗୀ କ୍ରିୟାକଳାପ/ କାର୍ଯ୍ୟକଳାପ ସହିତ ଲକ୍ଷ ଲକ୍ଷ ପ୍ରବାସୀ ଶ୍ରମିକଙ୍କ ଓଲଟା ସ୍ଥାନାନ୍ତରଣକୁ ରାଜ୍ୟ ସରକାର ପ୍ରାଧାନ୍ୟ ଦେଇଛନ୍ତି। ଏଥି ନିମନ୍ତେ କୃଷି, ଗ୍ରାମୀଣ ନିଯୁକ୍ତି, ମତ୍ସ୍ୟଚାଷ, ପଶୁପାଳନ, ଉଦ୍ୟାନ କୃଷି ଇତ୍ୟାଦି ବିଭିନ୍ନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ ହସ୍ତକ୍ଷେପ ମାଧ୍ୟମରେ ଓଡ଼ିଶା ସରକାର ୧୭,୪୩୬.୦୩ କୋଟି ଟଙ୍କାର ଏକ ସ୍ୱତନ୍ତ୍ର ଜୀବିକା ନିର୍ବାହ ହସ୍ତକ୍ଷେପ ଯୋଜନାକୁ ଅନୁମୋଦନ କରିଛନ୍ତି, ଯାହା

ସମୁଦାୟ ୧,୩୯,୪୪,୮୫୦ ହିତାଧିକାରୀ ଙ୍କୁ ଉପକୃତ କରିବ, ଯେଉଁଥିରେ ପଞ୍ଚାୟତ ରାଜ ବିଭାଗ ଅଧୀନରେ ୪୬,୪୫,୦୦୦ ଶ୍ରମିକ, କୃଷି ବିଭାଗର ୨୪,୫୫,୭୦୦ କୃଷକ, ସମବାୟ ବିଭାଗର ୬୮ ଲକ୍ଷ  କୃଷକ ଏବଂ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ୪୪,୧୫୦ ହିତାଧିକାରୀ ବିଦ୍ୟମାନ ।

## ୩. ପଶ୍ଚିମ ଓଡିଶା ବିକାଶ ପରିଷଦ

୩.୧ ପଶ୍ଚିମ ଓଡିଶାର ବିଭିନ୍ନ ଜିଲ୍ଲାରେ ଉନ୍ନୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ପଶ୍ଚିମ ଓଡିଶା ବିକାଶ ପରିଷଦ ଗଠନ କରାଯାଇଛି । ପଶ୍ଚିମ ଓଡିଶା ବିକାଶ ପରିଷଦର କାର୍ଯ୍ୟ ପରିସରରେ ୧୦ ଗୋଟି ଜିଲ୍ଲା ଏବଂ ଏକ ଜିଲ୍ଲାର ଅଂଶ ଯଥା – ବରଗଡ, ବଲାଙ୍ଗୀର, ବୌଦ୍ଧ, ଦେବଗଡ, ଝାରସୁଗୁଡା, କଳାହାଣ୍ଡି, ନୂଆପଡା, ସମ୍ବଲପୁର, ସୁବର୍ଣ୍ଣପୁର, ସୁନ୍ଦରଗଡ, ଏବଂ ଅନୁଗୁଳ ଜିଲ୍ଲାର ଆଠମଲ୍ଲିକ ଉପଖଣ୍ଡ ଅଟେ ।

୩.୨ ପଶ୍ଚିମ ଓଡିଶା ବିକାଶ ପରିଷଦ ଆରମ୍ଭ ହେବା ଦିନଠାରୁ ଗମନାଗମନ ଓ ଯୋଗାଯୋଗ, କୃଷି ଭିତ୍ତିକ ଉନ୍ନତି, କ୍ଷୁଦ୍ର ଜଳସେଚନ, ଚେକଡ୍ୟାମ ନିର୍ମାଣ, ଉଠା ଜଳସେଚନ ପ୍ରକଳ୍ପ ସ୍ଥାପନ, ପାଇପ ଜଳ ଯୋଗାଣ ପ୍ରକଳ୍ପ, ନଳକୂପ ଖନନ, ବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କ ଭିତ୍ତିଭୂମି ବିକାଶ, ସ୍ୱାସ୍ଥ୍ୟ ସେବା, ଗ୍ରାମ୍ୟ ବିଦ୍ୟୁତୀକରଣ, କମ୍ୟୁନିଟି ସେଣ୍ଟର ତଥା କଲ୍ୟାଣ ମଣ୍ଡପ ନିର୍ମାଣ, ପାର୍କ ଓ ଖେଳ ପଡିଆର ବିକାଶ ଇତ୍ୟାଦିରେ ୩୬,୪୭୮ ଗୋଟି ପ୍ରକଳ୍ପ ପାଇଁ ୧୬୧୫.୯୩ କୋଟି ଟଙ୍କା ପ୍ରଶାସନିକ ମଞ୍ଜୁରୀ ହୋଇଅଛି ଓ ତନ୍ମଧ୍ୟରୁ ୩୨,୫୫୯ ଗୋଟି ପ୍ରକଳ୍ପ ଅଦ୍ୟାବଧି ସଂପୂର୍ଣ୍ଣ ହୋଇଅଛି ।

୩.୩ ୨୦୨୦-୨୧ ବର୍ଷରେ ପଶ୍ଚିମ ଓଡିଶା ବିକାଶ ପରିଷଦ ୧୯୮୭ ଗୋଟି ପ୍ରକଳ୍ପ ପାଇଁ ଟ.୧୦୦.୦୦ କୋଟିର ବ୍ୟୟ ମଞ୍ଜୁର ପାଇଁ ପ୍ରସ୍ତାବ  କରାଯାଇଛି । ତନ୍ମଧ୍ୟରୁ ଟ.୩.୦୦ କୋଟି ପ୍ରଶାସନିକ ବ୍ୟୟ ଅନ୍ତର୍ଭୁକ୍ତ ଅଟେ  ।

| କ୍ର. ସଂଖ୍ୟା | କ୍ଷେତ୍ରର ନାମ | ପ୍ରକଳ୍ପ ସଂଖ୍ୟା | ଅନୁମୋଦିତ ଅର୍ଥ ପରିମାଣ (ଟଙ୍କାରେ) | ଶତକଡା ଅନୁଦାନ |
|---|---|---|---|---|
| ୧ | ଜୀବିକାଜନିତ ପ୍ରକଳ୍ପ | ୫ | ୪୬୦୦୦୦୦ | ୦.୪୬% |
| ୨ | ଜଳସେଚନ | ୨୫୪ | ୧୩୮୫୧୦୦୦୦ | ୧୩.୮୫% |
| ୩ | ପାନୀୟଜଳ | ୧୦୭ | ୪୪୪୫୦୦୦୦ | ୪.୪୫% |
| ୪ | ଶିକ୍ଷା | ୨୬୭ | ୧୫୫୯୭୦୦୦୦ | ୧୫.୬୦% |
| ୫ | ବିଦ୍ୟୁତୀକରଣ | ୭୪ | ୨୧୫୫୦୦୦୦ | ୨.୧୬% |
| ୬ | ସ୍ୱାସ୍ଥ୍ୟ | ୧୩ | ୪୯୫୦୦୦୦ | ୦.୫୦% |
| ୭ | ରାସ୍ତା ଓ ଗମନାଗମନ | ୭୪୫ | ୩୩୬୯୪୦୦୦୦ | ୩୩.୬୯% |
| ୮ | ଅନ୍ୟାନ୍ୟ ପ୍ରକଳ୍ପ | ୫୨୧ | ୨୪୭୦୩୦୦୦୦ | ୨୪.୭୦% |
| ୯ | ପଶ୍ଚିମ ଓଡିଶା ଅତିଥି ଭବନ | ୧ | ୧୬୦୦୦୦୦୦ | ୧.୬୦% |
| ୧୦ | ପ୍ରଶାସନିକ ବ୍ୟୟ | | ୩୦୦୦୦୦୦୦ | ୩.୦୦% |
| ସମୁଦାୟ | | ୧୯୮୭ | ୧୦୦୦୦୦୦୦୦୦ | ୧୦୦.୦୦% |



୩.୩ ପଶ୍ଚିମ ଓଡିଶା ବିକାଶ ପରିଷଦ ତରଫରୁ ଚଳିତ ବର୍ଷରେ ଶିକ୍ଷା କ୍ଷେତ୍ରରେ ଭିତ୍ତିଭୂମିର ବିକାଶ ପାଇଁ ମୋଟ ୨୬୭ ଗୋଟି ପ୍ରକଳ୍ପ ପାଇଁ ଟ.୧୫.୬୦ କୋଟିର ସହାୟତା ରାଶି ବ୍ୟୟ ବରାଦ ହୋଇଛି । ବ୍ୟୟ ବରାଦ ହୋଇଥିବା ପ୍ରକଳ୍ପ ଗୁଡିକ ମଧ୍ୟରୁ ସୁବର୍ଣ୍ଣପୁର ଜିଲ୍ଲାର ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟ କୋଠା ନିର୍ମାଣ ପାଇଁ ଟ.୨.୦୦ କୋଟି ଅନ୍ତର୍ଭୁକ୍ତ ।

୩.୪ ପରିଷଦ ଜୀବିକା ନିର୍ବାହ ପ୍ରକଳ୍ପ ନିମନ୍ତେ ଚଳିତ ବର୍ଷରେ ୫ ଗୋଟି ପ୍ରକଳ୍ପ ପାଇଁ ଟ.୪୬.୦୦ ଲକ୍ଷ ଟଙ୍କାର ବ୍ୟୟ ବରାଦ ହୋଇଅଛି । ଏହି ମଧ୍ୟରେ ବଲାଙ୍ଗୀର ଜିଲ୍ଲାର ଚୁଡାପାଲି ଗ୍ରାମରେ ଏକ ହସ୍ତଶିଳ୍ପ ନିର୍ମାଣ ଓ ତାଲିମ କେନ୍ଦ୍ର ପାଇଁ ଟ.୧୦.୦୦ ଲକ୍ଷ ଏବଂ ବଲାଙ୍ଗୀର ଜିଲ୍ଲାର ପାଟଣାଗଡର ବନ୍ଧନଭାଡି ଗ୍ରାମରେ ବୁଣାକାର ସମବାୟ ସମିତି ନିମନ୍ତେ ଟ.୧୦.୦୦ ଲକ୍ଷ ବ୍ୟୟ ବରାଦ ହୋଇଅଛି ।

୩.୫ ପଶ୍ଚିମ ଓଡିଶା ବିକାଶ ପରିଷଦ ଅନ୍ତର୍ଗତ ଜିଲ୍ଲାମାନଙ୍କରେ ଗମନାଗମନର ବିକାଶ ପାଇଁ (ସିମେଣ୍ଟ କଂକ୍ରିଟ ରାସ୍ତା/ ପୋଲ ନିର୍ମାଣ ତଥା ସବୁଦିନିଆ ରାସ୍ତା ନିର୍ମାଣ) ପରିଷଦ ଚଳିତ ବର୍ଷରେ ମୋଟ ୭୪୫ ଗୋଟି ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ଟ.୩୩.୭୦ କୋଟି ବ୍ୟୟ ବରାଦ କରିଛନ୍ତି । ସେଥି ମଧ୍ୟରୁ ବଲାଙ୍ଗୀର ଜିଲ୍ଲାର ବଙ୍ଗୋମୁଣ୍ଡା ବ୍ଲକର କନସିଲ ଠାରୁ ଭଇଁରାଗୁଭା ରାସ୍ତାରେ ଗଡିଆଯୋର ନାଳ ଉପରେ ପୋଲ ନିର୍ମାଣ ସମ୍ପୂର୍ଣ୍ଣକରଣ ପାଇଁ ଟ.୮୦.୦୦ ଲକ୍ଷ ବ୍ୟୟ ବରାଦ ହୋଇଛି ।

୩.୬ କୃଷକ ଓ କୃଷିକାର୍ଯ୍ୟର ଉନ୍ନତି ତଥା ଜଳ ସଂରକ୍ଷଣ ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦ ଏହି ବର୍ଷରେ ୨ଗୋଟି ଉଠାଜଳସେଚନ ପ୍ରକଳ୍ପକୁ ମିଶାଇ ମୋଟ ୨୫୪ ଗୋଟି ପ୍ରକଳ୍ପ (ଚେକଡ୍ୟାମ/ ଜଳାଶୟ ନିର୍ମାଣ ତଥା ପୁନଃରୁଦ୍ଧାର) ପାଇଁ ଟ.୧୩.୮୫ କୋଟିର ବ୍ୟୟ ବରାଦ କରିଛନ୍ତି । ସେଥି ମଧ୍ୟରୁ ନିମ୍ନଲିଖିତ ପ୍ରକଳ୍ପ ଗୁଡିକ ଅନ୍ୟତମ ।

| କ୍ର. ସଂଖ୍ୟା | ପ୍ରକଳ୍ପର ନାମ | ଅର୍ଥର ପରିମାଣ |
|---|---|---|
| ୧ | ବରଗଡ ଜିଲ୍ଲା ଭେଡେନ ବ୍ଲକର ଖଲିଆପାଲି-୨ ଉଠାଜଳସେଚନ ପ୍ରକଳ୍ପ ସ୍ଥାପନ | ଟ.୦.୦୮ କୋଟି |
| ୨ | ବରଗଡ ଜିଲ୍ଲା ଭେଡେନ ବ୍ଲକର ଖଲିଆପାଲି-୧ ଉଠାଜଳସେଚନ ପ୍ରକଳ୍ପ ସ୍ଥାପନ | ଟ.୦.୧୦ କୋଟି |

୩.୭ ପାନୀୟ ଜଳର ବ୍ୟବସ୍ଥା ପାଇଁ ବିକାଶ ପରିଷଦ ଚଳିତ ବର୍ଷରେ ୧୦୭ ଗୋଟି ପ୍ରକଳ୍ପ ପାଇଁ ଟ.୪.୪୫ କୋଟି ବ୍ୟୟ ବରାଦ କରିଛନ୍ତି ।

୩.୮ ସ୍ୱାସ୍ଥ୍ୟ କ୍ଷେତ୍ରରେ ଲୋକଙ୍କ ସୁବିଧା ପାଇଁ ମୋଟ ୧୩ ଗୋଟି ପ୍ରକଳ୍ପ ପାଇଁ ଟ.୦.୫୦ କୋଟି ମଞ୍ଜୁର ହୋଇଅଛି । ସେଥି ମଧ୍ୟରୁ ବରଗଡ ଜିଲ୍ଲାର ପଦ୍ମପୁର ଉପଖଣ୍ଡ ଡାକ୍ତରଖାନା ପାଇଁ ଗୋଟିଏ ଏକ୍ସରେ ମେସିନ (ଆଠ ଲକ୍ଷ ଟଙ୍କା) ଅନ୍ୟତମ ।

୩.୯ ବିଦ୍ୟୁତୀକରଣ କ୍ଷେତ୍ରରେ ଗ୍ରାମ୍ୟ ବିଦ୍ୟୁତୀକରଣ ଏବଂ ରାସ୍ତା ଆଲୋକିକରଣ ପାଇଁ ୭୪ ଗୋଟି ପ୍ରକଳ୍ପ ପାଇଁ ଟ.୨.୧୫ କୋଟି ବ୍ୟୟବରାଦ ହୋଇଅଛି ।

୩.୧୦ ସେହିପରି ୫୨୨ ଗୋଟି ଅନ୍ୟାନ୍ୟ ପ୍ରକଳ୍ପ ପାଇଁ ଟ.୨୬.୩୦ କୋଟି ଚଳିତ ବର୍ଷରେ ବ୍ୟୟ ବରାଦ ହୋଇଅଛି । ସୁବର୍ଣ୍ଣପୁର ଜିଲ୍ଲାର ପାତାଳୀ ଶ୍ରୀକ୍ଷେତ୍ର ଠାରେ ରୋପୱେ ନିର୍ମାଣ ପାଇଁ ଟ.୧୦.୨୭ କୋଟିର ପ୍ରଶାସନିକ ମଞ୍ଜୁରୀ ହୋଇଥିବା ବେଳେ ସେଥି ମଧ୍ୟରୁ ୨୦୧୯-୨୦ ବର୍ଷରେ ଟ.୩.୦୦ କୋଟି ଏବଂ ୨୦୨୦-୨୧ ବର୍ଷରେ ଟ.୮.୫୦ କୋଟିର (ମୋଟ ଟ.୧୧.୫୦ କୋଟି) ବ୍ୟୟବରାଦ ହୋଇଛି । ସେହିପରି ୨୦୨୦-୨୧ ବର୍ଷର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ମଧ୍ୟରେ ଭୁବନେଶ୍ବର ଠାରେ ପଶ୍ଚିମ ଓଡିଶା ଅତିଥି ଭବନ ନିର୍ମାଣ ନିମନ୍ତେ (ଟ.୧.୬୦ କୋଟି), ଦେବଗଡରେ ଗୋଟିଏ ସାଂସ୍କୃତିକ ତଥା ବହୁମୁଖୀ କ୍ରୀଡାପରିସର ନିର୍ମାଣ (ଟ.୦.୫୦ କୋଟି), କଳାହାଣ୍ଡି ଜିଲ୍ଲାର ଜୁନାଗଡ ଠାରେ କ୍ରୀଡାପ୍ରାଙ୍ଗଣ ନିର୍ମାଣ ନିମନ୍ତେ (ଟ.୦.୫୦ କୋଟି) ଏବଂ ବଲାଙ୍ଗୀର ଠାରେ ଦୈନିକ ବଜାରର ଉନ୍ନତିକରଣ (ଟ.୦.୨୦ କୋଟି) ଅନ୍ୟତମ ।

୩.୧୧ ତା ୩୧ /୧୨/୨୦୨୦ ସୁଦ୍ଧା ପଶ୍ଚିମ ଓଡିଶା ବିକାଶ ପରିଷଦ ଅଞ୍ଚଳର ଉନ୍ନତିର ତ୍ୱରାନ୍ୱିତ କରିବା ପାଇଁ ୨୦୨୦-୨୧ ଆର୍ଥିକ ବର୍ଷରେ ୧୮୭୨ ଗୋଟି ପ୍ରକଳ୍ପ ପାଇଁ ଟ.୯୬.୬୬ କୋଟି ମଞ୍ଜୁର କାରାଯାଇଛି ।

୩.୧୨ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କ ଆବଶ୍ୟକତାକୁ ବିଚାର କରି ପଶ୍ଚିମ ଓଡିଶା ବିକାଶ ପରିଷଦ ଉକ୍ତ ଅଞ୍ଚଳର ଜନସାଧାରଣଙ୍କର ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ଅନେକ ଜନହିତକର କାର୍ଯ୍ୟ ହାତକୁ ନେଉଅଛି ।




Soutenjore MIP ସର୍ଗିଗୁଡା ଗ୍ରାମ, ମଣ୍ଡଳ ଗ୍ରାମପଞ୍ଚାୟତ, ବଲାଙ୍ଗିର



କଳାହାଣ୍ଡି ଜିଲ୍ଲାର ତେନ୍ତୁଳୀପଦର ଠାରୁ ଥୁଆମୂଳରାମପୁର ବ୍ଲକର କେ. ଛେପଟାଘାଟ ପର୍ଯ୍ୟନ୍ତ ସାନନଦୀ ଉପରେ ପୋଲ ନିର୍ମାଣ




ଚକ୍ଷୁ ଚିକିତ୍ସାଳୟ, ଜୁନାଗଡ଼, କଳାହାଣ୍ଡି



ଉଦ୍ୟାନ କୃଷି ମହାବିଦ୍ୟାଳୟର ଗୃହ ନିର୍ମାଣ, ଚିପିଲିମା, ସମ୍ବଲପୁର



ସମ୍ମାନୀୟ ସଭାପତିଙ୍କ ଦ୍ୱାରା ସମୀକ୍ଷା ବୈଠକ,



କ୍ରିଡା ପ୍ରାଙ୍ଗଣ ନିର୍ମାଣ, ଜୁନାଗଡ଼, ଏନ୍. ଏ.ସି

## ୪. ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି (RIDF)

୪.୧ ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି (RIDF) ଯୋଜନାରେ ୧୯୯୫-୯୬ ବର୍ଷ ଠାରୁ ନାବାର୍ଡ ବିଭିନ୍ନ ଜିଲ୍ଲାରେ ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି ଋଣ ସହାୟତା ଯୋଗାଇ ଆସୁଛନ୍ତି । ପ୍ରାରମ୍ଭରୁ ଅଦ୍ୟାବଧି ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି ଅଧୀନରେ ସମୁଦାୟ ୨୪୦୬୮୧ ଟି ମଞ୍ଜୁରିପ୍ରାପ୍ତ ପ୍ରକଳ୍ପ ପାଇଁ ୨୬୯୪୯.୭୩ କୋଟି ଟଙ୍କା ମଞ୍ଜୁର ହୋଇଥିଲା ବେଳେ ୨୧୧୧୪.୧୯ କୋଟି ଟଙ୍କା ବିତରଣ କରାଯାଇଛି, ଏଥି ମଧ୍ୟରେ RIDF-XXVI ଅଧୀନରେ ୨୫୯୭ ପ୍ରକଳ୍ପ ପାଇଁ ୧୭୫୫.୭୨ କୋଟି ଟଙ୍କାର ନାବାର୍ଡ ଋଣ ଅନ୍ତର୍ଭୁକ୍ତ ଅଟେ।

୨୦୨୦-୨୧ ଆର୍ଥିକ ବର୍ଷରେ RIDF ଅଧୀନରେ ୪୨୫୧.୬୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

## ୫. ବର୍ହିଃ ଅନୁଦାନ ପ୍ରାପ୍ତ ପ୍ରକଳ୍ପ (EAP)

୫.୧ ରାଜ୍ୟର ଉନ୍ନୟନ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଆବଶ୍ୟକୀୟ ସମ୍ବଳରେ ଥିବା ଅଭାବ ପୂରଣ ପାଇଁ ରାଜ୍ୟ ସରକାର ବିଭିନ୍ନ ବର୍ହିଃ ଅନୁଦାନ ସଂସ୍ଥାମାନଙ୍କ ଠାରୁ ଆର୍ଥିକ ସହାୟତା ଲୋଡିଥାନ୍ତି। ଚଳିତ ଆର୍ଥିକ ବର୍ଷରେ ରାଜ୍ୟରେ ୧୨ଟି ଚାଲୁ ରହିଥିବା ଓ ୩ ଟି ପାଇପ ଲାଇନ ବର୍ହିଃ ଅନୁଦାନ ପ୍ରକଳ୍ପଗୁଡିକ World Bank, JICA, Asian Development Bank, KFW ଆଦି ସଂସ୍ଥାମାନଙ୍କର ଆର୍ଥିକ ସହାୟତାରେ କାର୍ଯ୍ୟକାରୀ କରାଯାଉଛି ।

୫.୨ ରାଜ୍ୟରେ ଗୃହ ଓ ନଗର ଉନ୍ନୟନ, ଜଳସେଚନ, ରାସ୍ତା, ଜନଜାତି ଓ ଉପଜାତି କଲ୍ୟାଣ ନିମନ୍ତେ ବର୍ହିଃ ଅନୁଦାନ ଆହରଣ କରାଯାଇ ବିଭିନ୍ନ ପ୍ରକଳ୍ପରେ ବିନିଯୋଗ କରାଯାଉଛି। ସେହିପରି ଦକ୍ଷତା ବୃଦ୍ଧି ଓ ପ୍ରଶାସନିକ ସଂସ୍କାର ପାଇଁ ପ୍ରାଯୁକ୍ତିକ ସହାୟତା ମଧ୍ୟ ଗ୍ରହଣ କରାଯାଇଛି ।

୫.୩ ୨୦୨୦-୨୧ ଆର୍ଥିକ ବର୍ଷ ରେ ୧୨ ଟି ଚାଲୁ ରହିଥିବା ଓ ୩ ଟି ପାଇପ ଲାଇନ ବର୍ହିଃ ସହାୟତା ପ୍ରକଳ୍ପଗୁଡିକ ପାଇଁ ୧୮୮୦.୬୪ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ୨୩୬.୭୪ କୋଟି ଟଙ୍କାର ଅତିରିକ୍ତ ବଜେଟରେ ବ୍ୟବସ୍ଥା କରାଯାଇଛି। ବର୍ହିଃ ଅନୁଦାନ ପ୍ରକଳ୍ପଗୁଡିକର ପ୍ରଭାବୀ ଫଳପ୍ରଦ, କେନ୍ଦ୍ରିତ ଓ ଉନ୍ନତ ମାନର ପର୍ଯ୍ୟାଲୋଚନା ଏବଂ ଆନ୍ତଃ ବିଭାଗୀୟ ସମସ୍ୟାରେ ଆଶୁ ସମାଧାନ ମିମନ୍ତେ ବିଶେଷ ଦୃଷ୍ଟି ରଖାଯାଇଛି ।

## ୬. ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ

୬.୧ ଯୋଜନା ଓ ସଂଯୋଜନ ବିଭାଗର ପ୍ରଶାସନିକ ତତ୍ତ୍ୱାବଧାନରେ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ରାଜ୍ୟର ମୁଖ୍ୟ ପରିସଂଖ୍ୟାନ ସଂସ୍ଥା ଭାବରେ କାର୍ଯ୍ୟ କରୁଅଛି । ଏହି ନିର୍ଦ୍ଦେଶାଳୟ ରାଜ୍ୟର ଭିନ୍ନ ଭିନ୍ନ ତଥ୍ୟ ସଂଗ୍ରହ, ଏହାର ସଂକଳନ ଓ ବିଶ୍ଳେଷଣ କରିବା ସହ ବିଭିନ୍ନ ସାମାଜିକ ଓ ଅର୍ଥନୈତିକ ସୂଚନାଙ୍କ ନିରୂପଣ ପାଇଁ ରାଜ୍ୟରେ ସର୍ବେକ୍ଷଣ କରିଥାଏ । ମୂଖ୍ୟ ଦପ୍ତର, ୩ ଗୋଟି ଆଞ୍ଚଳିକ କାର୍ଯ୍ୟାଳୟ ଓ ୩୦ ଗୋଟି ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା

କାର୍ଯ୍ୟାଳୟ ମାଧ୍ୟମରେ ଏହି କାର୍ଯ୍ୟ କରି ଆସୁଅଛି। ନିର୍ଦ୍ଦେଶାଳୟର ବିଭିନ୍ନ ବିଭାଗରେ ୨୦୨୦-୨୧ବର୍ଷର ସାଫଲ୍ୟ ଓ ୨୦୨୧-୨୨ ବର୍ଷର କାର୍ଯ୍ୟାବଳୀ ଲକ୍ଷ୍ୟର ସଂକ୍ଷିପ୍ତ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

## କୃଷି ପରିସଂଖ୍ୟାନ

୬.୨ ଭାରତ ସରକାରଙ୍କର ଶତପ୍ରତିଶତ ଆର୍ଥିକ ଅନୁଦାନ ସହାୟତାରେ ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ଦ୍ୱାରା (EARAS) କାର୍ଯ୍ୟକ୍ରମ ୧୯୭୬-୭୭ ମସିହାରୁ କାର୍ଯ୍ୟକାରୀ କରାଯାଉଛି । ଏହି କାର୍ଯ୍ୟକ୍ରମର ମୂଖ୍ୟ ଉଦ୍ଦେଶ୍ୟ ହେଲା ବ୍ଲକ ସ୍ତରରେ ରାଜ୍ୟର ମୂଖ୍ୟ ଫସଲ ଧାନ କ୍ଷେତର କ୍ଷେତ୍ରଫଳ, ଉତ୍ପାଦନ ଓ ଉତ୍ପାଦନ ହାରର ଅଟକଳ ନିର୍ଣ୍ଣୟ କରିବା ଓ ଜିଲ୍ଲା ସ୍ତରରେ ୧୩ ଗୋଟି ଗୌଣ ଫସଲର ଅଟକଳ ପ୍ରସ୍ତୁତ କରିବା । ଏହି ସର୍ଭେର ତଥ୍ୟାବଳୀକୁ ଆଧାର କରି ୧୪ ଗୋଟି ଫସଲ ପାଇଁ ପ୍ରସ୍ତୁତ କରାଯାଇଥିବା ଅଟକଳକୁ କେନ୍ଦ୍ର ଓ ରାଜ୍ୟସରକାର ସରକାରୀ ତଥ୍ୟ ରୂପରେ ଗ୍ରହଣ କରିଥାନ୍ତି ।

୬.୩ ୨୦୨୦-୨୧ ବର୍ଷରେ ୯୮୯୯ ଗୋଟି ନମୁନା ଗ୍ରାମରେ (ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳ) ଜମି ବିନିଯୋଗ ସର୍ଭେ କାର୍ଯ୍ୟ ଏବଂ ଧାନ ଫସଲର ୨୫୭୮୬ ଗୋଟି ଶସ୍ୟକାଟ ପରୀକ୍ଷଣ କାର୍ଯ୍ୟ ଏବଂ ଅନ୍ୟ ଗୌଣ ଫସଲର ୫୮୩୭ ଗୋଟି ଶସ୍ୟକାଟ ପରୀକ୍ଷଣ କାର୍ଯ୍ୟ ଡିସେମ୍ବର, ୨୦୨୦ ସୁଦ୍ଧା ସଂପୂର୍ଣ୍ଣ ହୋଇଅଛି, ପୁନଶ୍ଚ ୨୦୨୧ କୃଷିବର୍ଷ ମଧ୍ୟରେ ୯୮୮୮ ଗୋଟି ନମୁନା ଗ୍ରାମରେ ରବି ଋତୁ ପାଇଁ ଜମି ବିନିଯୋଗ ସର୍ଭେ କାର୍ଯ୍ୟ ଏବଂ ଧାନ ଫସଲର ୧୫୦୦୦ ଶସ୍ୟକାଟ ପରୀକ୍ଷଣ କାର୍ଯ୍ୟ ଏବଂ ଅନ୍ୟ ଗୌଣ ଫସଲର ୪୪୦୦୦ ଗୋଟି ଶଷ୍ୟକାଟ ପରୀକ୍ଷଣ କାର୍ଯ୍ୟ କରାଯିବାର ଆଶା କରାଯାଉଅଛି । ୨୦୧୯-୨୦ ର ଶାରଦ, ଭୋଦେଇ ଓ ରବି ଋତୁ ପାଇଁ ଧାନ ଏବଂ ଅନ୍ୟାନ୍ୟ ଗୌଣ ଫଲସର ଶସ୍ୟକାଟ ପରୀକ୍ଷଣ କରାଯାଇ ଭାରତ ସରକାରଙ୍କ ନିକଟକୁ ପ୍ରେରଣ କରାଯାଇଅଛି ।

୬.୪ ୨୦୨୧-୨୨ ବର୍ଷରେ ତିନୋଟିଯାକ ଋତୁରେ (ଶାରଦ, ଭୋଦେଇ ଓ ରବି) ପ୍ରାୟ ୧୦୦୧୨ ଗୋଟି ନମୁନା ଗ୍ରାମରେ ଜମି ବିନିଯୋଗ ସର୍ଭେ କରାଯାଇ ପ୍ରାୟ ୬୦୦୦୦ ଗୋଟି ଶସ୍ୟକାଟ ପରୀକ୍ଷଣ କାର୍ଯ୍ୟ କରାଯିବାର ଯୋଜନା ରଖାଯାଇଅଛି ।

## ଶସ୍ୟ ପରିସଂଖ୍ୟାନ ଅଭିବୃଦ୍ଧି

୬.୫ ଓଡିଶାରେ ୧୯୭୬-୭୭ ମସିହାରୁ ଏହି ଯୋଜନା କାର୍ଯ୍ୟକାରୀ ହେଉଅଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୁଗ୍ମ ଉଦ୍ୟମରେ କୃଷି ପରିସଂଖ୍ୟାନ (EARAS) ଯୋଜନା କାର୍ଯ୍ୟକାରୀ ହେବାରେ ରହୁଥିବା ଅଭାବ ଓ ଅସୁବିଧାର ଅନୁସନ୍ଧାନ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ ଅଟେ ।

୬.୬ ୨୦୨୦-୨୧ କୃଷି ବର୍ଷରେ ପ୍ରତ୍ୟେକ ଋତୁରେ ୨୨୦ ଗୋଟି ନମୁନା ଗ୍ରାମର କ୍ଷେତ୍ର ପରିଗଣନା କାର୍ଯ୍ୟ ଓ ୮୩୦ ଗୋଟି ଶସ୍ୟ କାଟର ପରୀକ୍ଷଣ କାର୍ଯ୍ୟ, ଧାନ ଓ ଗୌଣ ଫସଲ ଯଥା– ମକା, ବିରି, ମୁଗ, କୋଳଥ ଓ ଆଳୁର ପରିସମାପ୍ତି ହୋଇଅଛି ଏବଂ କ୍ଷେତ୍ର ସମଷ୍ଟି କରଣ କାର୍ଯ୍ୟ ଭୋଦେଇ ଋତୁ ପାଇଁ ଶେଷ ହୋଇଅଛି ।

୬.୭ ୨୦୨୦-୨୧ ବର୍ଷରେ ଭୋଦେଇ ଋତୁ ରେ ଋତୁ ଗ୍ରାମର କ୍ଷେତ୍ର ପରିଗଣନା କାର୍ଯ୍ୟ ଧାନ ଓ ଗୌଣ ଫସଲ (ମକା)ର ଶସ୍ୟ କାଟ ପରୀକ୍ଷଣ କାର୍ଯ୍ୟ ସମାପ୍ତ ହୋଇଅଛି । ୨୦୨୦-୨୧ ମସିହାର ଭୋଦେଇ ଋତୁର ପୁରଣ ହୋଇଥିବା ଅନୁସୂଚୀ (କୃଷି ପରିସଂଖ୍ୟାନ ୧.୦, ୨.୦, ଓ ୧.୧) ଗୁଡିକ ଜାତୀୟ ନମୁନା ସର୍ବେକ୍ଷଣ ସଂସ୍ଥା, ଫରିଦାବାଦକୁ ପ୍ରେରଣ କରାଯାଇଅଛି ।

୬.୮ ସେହିପରି ବିଭିନ୍ନ ଫସଲର କ୍ଷେତ୍ର ପରିଗଣନା ଓ ଶସ୍ୟକାଟ ପରୀକ୍ଷା, କ୍ଷେତ୍ର ସମଷ୍ଟି କରଣ କାର୍ଯ୍ୟ ଯଥା – ଧାନ ଓ ଗୌଣ ଫସଲ (ମକା, ବିରି, କୋଳଥ, ମୁଗ ଓ ଆଳୁ) ପାଇଁ ୨୦୨୧-୨୨ କୃଷି ବର୍ଷରେ କରାଯିବ ।

## ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା

୬.୯ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଲା କୃଷକ ମାନଙ୍କର କୃଷି କ୍ଷେତ୍ରରେ ହେଉଥିବା ବିଭିନ୍ନ ପ୍ରକାରର ବୀପର୍ଯ୍ୟୟ ଯୋଗୁ ଫସଲ ନଷ୍ଟ ପାଇଁ କ୍ଷୟକ୍ଷତିର ଭରଣା କରିବା ଏବଂ ବୀମା ଆର୍ଥିକ ସାହାଯ୍ୟ ଯୋଗାଇଦେବା । ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ଦ୍ୱାରା ପ୍ରସ୍ତୁତ ଫସଲର ଉତ୍ପାଦନ ହାର ଆଧାରରେ ଚାଷ କରିଥିବା ବିଜ୍ଞାପିତ ଫସଲର ନିରାପତ୍ତା ଓ ଆର୍ଥିକ ସହଯୋଗ ବୀମାଭୁକ୍ତ ଚାଷୀ ମାନଙ୍କୁ ଯୋଗାଇ ଦିଆଯାଇଥାଏ । ଏହି ବୀମା ମୁଖ୍ୟତଃ ଖରିଫ ଓ ରବି ଫସଲର ଅନ୍ତର୍ଭୁକ୍ତ ଧାନ, ମକା, ଚିନାବାଦାମ, ଆଳୁ ଓ ସୋରିଷ ପାଇଁ କରାଯାଏ । ଏହି ଯୋଜନା ଓଡିଶା ସରକାରଙ୍କର ତରଫରୁ ରବି ଋତୁ, ୨୦୧୦-୧୧ ଠାରୁ ଆରମ୍ଭ ହୋଇଅଛି । ରାଜ୍ୟ ସରକାରଙ୍କ ସମବାୟ ବିଭାଗ ଦ୍ୱାରା ଏହା ପରିଚାଳିତ ହୋଇଆସୁଅଛି।

୬.୧୦ ୨୦୨୦-୨୧ ବର୍ଷରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧିନରେ ଗ୍ରାମ ପଞ୍ଚାୟତୱାରୀ ଏବଂ ସହରାଞ୍ଚଳୱାରୀ ଉଭୟ ଖରିଫ ଓ ରବି ଋତୁର ଧାନର (ଭୋଦେଇ ଓ ରବି) ଏବଂ ଏହା ସହିତ ଗୌଣ ଫସଲ ଯଥା ମକା, ଚିନାବାଦାମ, ଝୋଟ, ସୋରିଷ ଓ ଆଳୁର ବ୍ଲକୱାରୀ ଉତ୍ପାଦନହାର ୨୦୧୯-୨୦ କୃଷି ବର୍ଷ ପାଇଁ ଆକଳନକରାଯାଇ ଏହାକୁ ସମବାୟ ବିଭାଗକୁ ହସ୍ତାନ୍ତର କରାଯାଇଅଛି । ୨୦୨୧-୨୨ ରେ ମଧ୍ୟ ଏହି କାର୍ଯ୍ୟ ଚାଲୁରହିବ ।

## କ୍ଷୁଦ୍ର ଜଳସେଚନ ପରିସଂଖ୍ୟାନର ସୁବ୍ୟବସ୍ଥାକରଣ

୬.୧୧ କେନ୍ଦ୍ର ସରକାରଙ୍କର ପୃଷ୍ଟପୋଷକତାରେ ହେଉଥିବା ଏହି ଯୋଜନାରେ କ୍ଷୁଦ୍ର ଜଳ ସେଚନ ସମ୍ବନ୍ଧୀୟ ଭବିଷ୍ୟତ ଯୋଜନା ପ୍ରଣୟନ ନିମନ୍ତେ ଆବଶ୍ୟକୀୟ ବିଶ୍ୱାସଯୋଗ୍ୟ ତଥ୍ୟ ସଂଗ୍ରହ ହୋଇଥାଏ । ଏହି ତଥ୍ୟ ସମ୍ବଳିତ ତ୍ରୟମାସିକ ଏବଂ ବାର୍ଷିକ ବିବରଣୀ କେନ୍ଦ୍ର ସରକାରଙ୍କର ଜଳ ସମ୍ପଦ, ନଦୀ ବିକାଶ ଏବଂ ଗଙ୍ଗା ପୁନରୁଦ୍ଧାର ମନ୍ତ୍ରଣାଳୟକୁ ନିୟମିତ ଭାବେ ପ୍ରେରଣ କରାଯାଉଅଛି । ୨୦୨୦-୨୧ ବର୍ଷରେ ଷଷ୍ଠ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଗଣନା ଏବଂ ପ୍ରଥମ ଜଳ ଉତ୍ସ ଗଣନା କାର୍ଯ୍ୟ ୨୦୧୭-୧୮ ବର୍ଷକୁ ସୂଚକ ବର୍ଷ ରୂପେ ନିଆଯାଇ ୫୦୦୬୫ ଗୋଟି ରାଜସ୍ୱ ଗ୍ରାମ ଏବଂ ୨୦୨୪ ଗୋଟି ସହରାଞ୍ଚଳ ୱାର୍ଡରେ ୨୦୧୭-୧୮ ଏରାସ୍

(EARAS) ଫ୍ରେମ ଅନୁଯାଇ ଗଣନା କାର୍ଯ୍ୟ କରାଯାଉଅଛି। ଡିସେମ୍ବର, ୨୦୨୦ ସୁଦ୍ଧା ୧୪୯୩୨ ଗୋଟି ରାଜସ୍ୱ ଗ୍ରାମରେ ଷଷ୍ଠ ଜଳସେଚନ ପ୍ରକଳ୍ପର କ୍ଷେତ୍ରଗଣନା କାର୍ଯ୍ୟ ସମାପ୍ତ ହୋଇଅଛି । ଅବଶିଷ୍ଟ ରାଜସ୍ୱ ଗ୍ରାମରେ ଓ ୱାର୍ଡରେ ଗଣନା କାର୍ଯ୍ୟ ଏବଂ ରାଜ୍ୟ ଓ ଜିଲ୍ଲା ସ୍ତରୀୟ ରିପୋର୍ଟ ପ୍ରସ୍ତୁତି କାର୍ଯ୍ୟ ୨୦୨୧-୨୨ ରେ ସମାପ୍ତ କରାଯିବ।

## କୃଷି ଶ୍ରମ ମଜୁରୀ

୬.୧୨ କୃଷି ଶ୍ରମ ମଜୁରୀ ଓ କୃଷି ଉତ୍ପାଦନରେ ନିୟୋଜିତ କେତେକ ଦ୍ରବ୍ୟ ମୂଲ୍ୟର ମାସିକ ବିବରଣୀ ରାଜ୍ୟର ୮୯ ଗୋଟି କେନ୍ଦ୍ରରୁ ସଂଗ୍ରହ କରାଯାଏ। ଏହାର ତନଖି ଏବଂ ଏକତ୍ରିକରଣ ପରେ, ମାସିକ ବିବରଣୀ କେନ୍ଦ୍ର ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟକୁ ପଠାଯାଏ । ୨୦୨୦-୨୧ ବର୍ଷରେ ରାଜ୍ୟ କୃଷିଶ୍ରମ ମଜୁରୀର ରାଜ୍ୟର ୮୯ ଗୋଟି କେନ୍ଦ୍ରରୁ ସଂଗୃହିତ ତଥ୍ୟ ଏକତ୍ରିକରଣ କରାଯାଇ ଜୁନ ୨୦୨୦ ପର୍ଯ୍ୟନ୍ତ ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟକୁ ପ୍ରେରଣ କରାଯାଇଅଛି। ଉପରୋକ୍ତ କାର୍ଯ୍ୟକ୍ରମ ୨୦୨୦-୨୧ ମସିହାରେ ମଧ୍ୟ ଚାଲୁରହିବ ।

## ରାଜ୍ୟ ଆୟ

୬.୧୩ ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଲା ପ୍ରତ୍ୟେକ ବର୍ଷ ଉଭୟ ଚଳିତ ଓ ସ୍ଥିର ମୂଲ୍ୟରେ ରାଜ୍ୟ ଘରୋଇ ଉତ୍ପାଦ୍ୟ (GSDP) ଓ ଜିଲ୍ଲା ଘରୋଇ ଉତ୍ପାଦ୍ୟର ସଂଶୋଧିତ ଓ ଅଗ୍ରୀମ ଅଟକଳର ପ୍ରସ୍ତୁତି ।

୬.୧୪ ରାଜ୍ୟର ଅର୍ଥନୀତି ପ୍ରଗତି ରାଜ୍ୟ ଘରୋଇ ଉତ୍ପାଦ୍ୟ (GSDP) ହିସାବରେ ୨୦୧୯-୨୦ ବର୍ଷ ପାଇଁ ୭.୬୬% ଅଗ୍ରୀମ ଅଟକଳ କରଯାଇଥିଲା । ୨୦୨୦-୨୧ ବର୍ଷ ପାଇଁ ରାଜ୍ୟ ଘରୋଇ ଉତ୍ପାଦ୍ୟ ଚଳନ୍ତି ଓ ସ୍ଥିର ମୂଲ୍ୟରେ ପ୍ରସ୍ତୁତି କାର୍ଯ୍ୟ ଚାଲୁ ରହିଛି ।

୬.୧୫ ୨୦୨୦-୨୧ ବର୍ଷ ରେ ଜିଲ୍ଲାୱାରୀ ଶସ୍ୟ ଭିତ୍ତିକ ଉତ୍ପାଦନ ମୂଲ୍ୟର ଅଟକଳ ଏବଂ ଜିଲ୍ଲାୱାରୀ ଖଣିଜ ପଦାର୍ଥର Gross value Added (GVA) ଅଟକଳ କାର୍ଯ୍ୟ ୨୦୧୧-୧୨ ଠାରୁ ୨୦୧୫-୧୬ ପର୍ଯ୍ୟ ନ୍ତ ଶେଷ ହୋଇ ପ୍ରକାଶିତ ହୋଇଛି। ୨୦୨୦-୨୧

ବର୍ଷରେ ଉଭୟ ଚଳନ୍ତି ଓ ସ୍ଥିର ମୂଲ୍ୟରେ ଜିଲ୍ଲା ଘରୋଇ ଉତ୍ପାଦ (Gross & Net) ଓ ମୁଣ୍ଡପିଛା ଜିଲ୍ଲା ଆୟର ଅଟକଳ କାର୍ଯ୍ୟ ଆରମ୍ଭ କରାଯିବ ।

୬.୧୬ ୨୦୨୦-୨୧ ବର୍ଷ ରେ ବେସରକାରୀ କ୍ଷେତ୍ରର ମୋଟ ସ୍ଥାୟୀ ପୁଞ୍ଜି ଗଠନ ଆକଳନର ଅଟକଳ କାର୍ଯ୍ୟ ୨୦୧୧-୧୨ ଠାରୁ ୨୦୧୫-୧୬ ପର୍ଯ୍ୟନ୍ତ ଶେଷ ହୋଇଛି । ୨୦୨୦-୨୧ ବର୍ଷରେ ମୋଟ ସ୍ଥାୟୀ ପୁଞ୍ଜି ଗଠନର ସରକାରୀ ଓ ବେସରକାରୀ କ୍ଷେତ୍ରର ଅଟକଳ କାର୍ଯ୍ୟ ୨୦୧୬-୧୭ ବର୍ଷ ପାଇଁ ଆରମ୍ଭ କରାଯିବ ।

୬.୧୭ ୨୦୨୦-୨୧ ବର୍ଷ ରେ ଓଡିଶା ବଜେଟ ର ୨୦୧୮-୧୯ (ବାସ୍ତବ), ୨୦୧୯-୨୦ (ସଂଶୋଧିତ) ଏବଂ ୨୦୨୦-୨୧ (ଆନୁମାନିକ) ଅନୁଧ୍ୟାନ ଓ ବିଶ୍ଳେଷଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି । ୨୦୨୧-୨୨ ବର୍ଷରେ ଓଡିଶା ବଜେଟ ର ୨୦୧୯-୨୦(ବାସ୍ତବ), ୨୦୨୦-୨୧(ସଂଶୋଧିତ) ଏବଂ ୨୦୨୧-୨୨(ଆନୁମାନିକ) ଅନୁଧ୍ୟାନ ଓ ବିଶ୍ଳେଷଣ କାର୍ଯ୍ୟ କରାଯିବ ।

## ଜାତୀୟ ନମୂନା ସର୍ବେକ୍ଷଣ

୬.୧୮ ସାମାଜିକ ଓ ଅର୍ଥନୈତିକ ସର୍ଭେକ୍ଷଣ କାର୍ଯ୍ୟରେ ଜାତୀୟ ନମୁନା ସର୍ଭେକ୍ଷଣ ଏକ ସ୍ୱତନ୍ତ୍ର ଭୂମିକା ବହନ କରେ । ସରକାରଙ୍କର ଉନ୍ନତି ମୂଳକ ଯୋଜନାର ସଫଳ ରୂପାୟନ ପାଇଁ ପରିସଂଖ୍ୟାନ ତଥ୍ୟ ସର୍ବାଧିକ ଗୁରୁତ୍ୱ ବହନ କରିଆସୁଅଛି। ଉକ୍ତ ସର୍ଭେ କାର୍ଯ୍ୟରେ ପରିସଂଖ୍ୟାନ ଓ ଅର୍ଥନୀତି ନିର୍ଦ୍ଦେଶାଳୟ ୧୯୫୮-୫୯ ମସିହା ଠାରୁ ଜାତୀୟ ନମୂନା ସର୍ଭେକ୍ଷଣ କାର୍ଯ୍ୟକ୍ରମରେ ସମ ନମୂନା ଭିତ୍ତିରେ ଗୁରୁତ୍ୱ ବହନ କରୁଥିବା ସାମାଜିକ ଓ ଅର୍ଥନୈତିକ ତଥ୍ୟାବଳୀ ମାନ ନମୂନା ଭିତ୍ତିରେ ସଂଗୃହିତ ହୋଇ ଆସୁଅଛି ।

୬.୧୯ ୨୦୨୦-୨୧ ବର୍ଷରେ ଜାତୀୟ ନମୁନା ସର୍ବେକ୍ଷଣ ଅନ୍ତର୍ଗତ ୭୮ତମ ପରିକ୍ରମାରେ ଘରୋଇ ପର୍ଯ୍ୟଟନ ଖର୍ଚ୍ଚ ଓ ବିବିଧ ସୂଚନାଙ୍କ ସମ୍ବନ୍ଧରେ କ୍ଷେତ୍ର କାର୍ଯ୍ୟ ଚାଲୁ ରହିଅଛି । ଜାତୀୟ ନମୁନା ସର୍ଭେକ୍ଷଣର ୭୩ତମ ପରିକ୍ରମା ଅନ୍ତର୍ଗତ ରାଜ୍ୟ ସ୍ତରୀୟ ଫଳାଫଳ ଏବଂ ପୁଲିଂ ରିପୋର୍ଟ ପ୍ରକାଶିତ ହୋଇଅଛି । ୨୦୨୧-୨୨ ବର୍ଷ ମଧ୍ୟରେ ୭୯ତମ ପରିକ୍ରମାର ଜାତୀୟ ନମୁନା ସର୍ଭେକ୍ଷଣ କାର୍ଯ୍ୟ ଆରମ୍ଭ କରାଯିବ ।

## ମୂଲ୍ୟ

୬.୨୦ ଏହି ନିର୍ଦ୍ଦେଶାଳୟର ମୂଲ୍ୟ ଉପ ବିଭାଗ, ରାଜ୍ୟରେ ଥିବା ବିଭିନ୍ନ କୃଷିଜାତ ଦ୍ରବ୍ୟର କ୍ଷେତ୍ର ଅମଳ ଓ ପାଇକାରୀ ମୂଲ୍ୟ, ପଶୁ ଓ ସେମାନଙ୍କ ଠାରୁ ଉତ୍ପନ୍ନ ଦ୍ରବ୍ୟର ଉତ୍ପାଦନ ମୂଲ୍ୟ ଏବଂ ଗୋଖାଦ୍ୟର ପାଇକାରୀ ମୂଲ୍ୟ ସଂଗ୍ରହ କରିଥାଏ । ୨୦୨୧-୨୨ବର୍ଷରେ କୃଷିଜାତ ଶସ୍ୟର କ୍ଷେତ୍ର ଅମଳ ଓ ପାଇକାରୀ ମୂଲ୍ୟ ୧୧୬ ଗୋଟି କେନ୍ଦ୍ରରୁ ସଂଗୃହିତ କରାଯାଇଅଛି । ଗୋ-ଖାଦ୍ୟ ର ପାଇକାରୀ ମୂଲ୍ୟ, ପଶୁ, ପକ୍ଷୀ, ମାଛ, ମଂାସ, ଅଣ୍ଡା, ଦୁଗ୍ଧ, ଏବଂ ଦୁଗ୍ଧଜାତ ଦ୍ରବ୍ୟର ଉତ୍ପାଦନ ମୂଲ୍ୟ ୩୦ ଗୋଟି କେନ୍ଦ୍ରରୁ (ଜିଲ୍ଲା ସଦର ମହକୁମା) ତ୍ରୟମାସିକ ଭିତ୍ତିରେ ସଂଗ୍ରହ କରାଯାଇଅଛି ।

୬.୨୧ ୨୦୨୦-୨୧ ବର୍ଷରେ, ୨୦୧୯-୨୦ ବର୍ଷର ବିଭିନ୍ନ କୃଷିଜାତ ଦ୍ରବ୍ୟର ରାଜ୍ୟ ଭାରିତ କ୍ଷେତ୍ର ଅମଳ ମୂଲ୍ୟ ଏବଂ କୃଷିଜାତ ଦ୍ରବ୍ୟର ପାଇକାରୀ ମୂଲ୍ୟ ପ୍ରସ୍ତୁତ କରାଯାଇ ଭାରତ ସରକାରଙ୍କ ନିକଟକୁ ତଥା ଏହି ନିର୍ଦ୍ଦେଶାଳୟର ରାଜ୍ୟ ଆୟ ବିଭାଗକୁ ଆକଳନ ପାଇଁ ପ୍ରେରିତ କରାଯାଇଅଛି । ଡିସେମ୍ବର, ୨୦୨୦ ସୁଦ୍ଧା ଖାଉଟି ମୂଲ୍ୟ ସୂଚକାଙ୍କ, ୨୦୧୮ ବର୍ଷର ମେ ମାସ ପର୍ଯ୍ୟନ୍ତ ସମସ୍ତ ଜିଲ୍ଲା ପାଇଁ ପ୍ରସ୍ତୁତ କରାଯାଇଅଛି । ୨୦୨୦-୨୧ ବର୍ଷରେ "ଓଡିଶା ମୂଲ୍ୟ ପରିସଂଖ୍ୟାନ, 2020 (ଅସ୍ଥାୟୀ)" ଉପରେ ଏକ ରିପୋର୍ଟ ଏବଂ ଓଡିଶାରେ ଜିଲ୍ଲା (ଉପରାଜ୍ୟ) ସ୍ତରର CPI ର ସଂକଳନ ଏବଂ "ସିପିଆଇ ସଂକଳନ ପାଇଁ ଭାରିତ ଚିତ୍ର" ନାମକ ଦୁଇଟି ରିପୋର୍ଟ ପ୍ରକାଶ କରାଯାଇଅଛି ।

୬.୨୨ ୨୦୨୧-୨୨ ବର୍ଷରେ ଜୁନ୍ ୨୦୧୮ ମାସ ଠାରୁ ପରବର୍ତ୍ତୀ ମାସ ଗୁଡିକ ପାଇଁ ସମସ୍ତ ଜିଲ୍ଲା ପାଇଁ ଖାଉଟି ମୂଲ୍ୟ ସୂଚକାଙ୍କ ପ୍ରସୁତ କରାଯିବ ।

## ଅର୍ଥନୈତିକ ସର୍ବେକ୍ଷଣ

୬.୨୩ ଅର୍ଥନୈତିକ ସର୍ବେକ୍ଷଣ ରିପୋର୍ଟ, ୨୦୧୯-୨୦ ବର୍ଷ ପାଇଁ ପ୍ରସ୍ତୁତି କରାଯାଇ ୨୦୨୦ ଓଡିଶା ବିଧାନ ସଭାର ବଜେଟ୍ ଅଧିବେଶନରେ ଉପସ୍ଥାପିତ କରାଯାଇଅଛି । ୨୦୨୧

ରେ ଓଡିଶା ବିଧାନ ସଭାର ବଜେଟ୍ ଅଧିବେଶନରେ ଅର୍ଥନୈତିକ ସର୍ଭେକ୍ଷଣ ରିପୋର୍ଟ ୨୦୨୦-୨୧ ଉପସ୍ଥାପିତ ହେବାପାଇଁ ପ୍ରସ୍ତୁତି କାର୍ଯ୍ୟ ଚାଲୁରହିଅଛି ।

୬.୨୪ ଅର୍ଥନୈତିକ ସର୍ବେକ୍ଷଣ ରିପୋର୍ଟ ୨୦୨୧-୨୨ ପ୍ରସ୍ତୁତି ପାଇଁ ୨୦୨୦-୨୧ ବର୍ଷର ତଥ୍ୟ ନିବେଶ ଦ୍ଵାରା ୨୦୨୧-୨୨ ବର୍ଷରେ ପଦକ୍ଷେପ ନିଆଯିବ ।

## ଗୃହ ପ୍ରକୋଷ୍ଠ

୬.୨୫ ଭାରତ ସରକାରଙ୍କ ଜାତୀୟ ଗୃହ ସଂସ୍ଥା ଦ୍ଵାରା ପରିଚାଳିତ ପ୍ରକଳ୍ପ ଅନୁଯାୟୀ ଓଡିଶାର ସମସ୍ତ ୩୦ ଜିଲ୍ଲା ଓ ୬ ଗୋଟି ସହର ଉନ୍ନୟନ ସଂସ୍ଥା, ୭ ଗୋଟି ସବ୍-ରେଜିଷ୍ଟର ଠାରୁ ଗୃହ ନିର୍ମାଣ ଅନୁମତି ପତ୍ର, ନିର୍ମାଣ ଉପକରଣ, ଜମିର ନିର୍ଦ୍ଧାରିତ ଆଞ୍ଚଳିତ ଦର ଓ ମଜୁରୀ ଇତ୍ୟାଦିର ତଥ୍ୟାବଳୀ ତ୍ରୟମାସିକ ଭିତିରେ ସଂଗ୍ରହ କରାଯାଇ ଅନ୍ ଲାଇନ୍ ଜରିଆରେ ଜାତୀୟ ଗୃହ ନିର୍ମାଣସଂସ୍ଥା, ନୂଆଦିଲ୍ଲୀକୁ ପଠାଯାଏ । ୨୦୨୦-୨୧ ମସିହାର ଡିସେମ୍ବର ୩୧ ତାରିଖ ସୁଦ୍ଧା ମାର୍ଚ୍ଚ ୨୦୨୦ ତ୍ରୟମାସିକର ଗୃହ ନିର୍ମାଣ ସମ୍ବନ୍ଧୀୟ ତଥ୍ୟ ଜାତୀୟ ଗୃହ ସଂସ୍ଥା ଦ୍ଵାରା ପ୍ରଦତ୍ତ ଫର୍ମାର୍ଟରେ ସଂଗ୍ରହ କରାଯାଇ ଏକତ୍ରୀକରଣ ପରେ ଅନ୍ ଲାଇନରେ BRICKS SOFTWARE ମାଧ୍ୟମରେ ଜାତୀୟ ଗୃହ ନିର୍ମାଣ ସଂସ୍ଥା, ନୁଆଦିଲ୍ଲୀକୁ ପଠାଯାଇଅଛି। ସେହିପରି ୨୦୨୧-୨୨ ମସିହାରେ ଗୃହ ନିର୍ମାଣ ସମ୍ବନ୍ଧୀୟ ତଥ୍ୟ ତ୍ରୟମାସିକ ଭିତ୍ତିରେ BRICKS SOFTWARE ମାଧ୍ୟମରେ ଜାତୀୟ ଗୃହ ନିର୍ମାଣ ସଂସ୍ଥା ଫର୍ମାଟରେ ସଂଗ୍ରହ କରାଯାଇ ଭାରତ ସରକାରଙ୍କ ନିକଟକୁ ପ୍ରେରଣ କରାଯିବ ।

## ଶ୍ରମ ଓ ଲୋକଶକ୍ତି ବିଭାଗ

୬.୨୬ ମାନବ ଶକ୍ତି ଯୋଜନାର ଉଦ୍ଦେଶ୍ୟ ହେଉଛି ମାନବ ସମ୍ବଳକୁ ଉପଯୁକ୍ତ ଭାବେ ଏକତ୍ରିତ କରିବା ଏବଂ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମ୍ପୁର୍ଣ୍ଣ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବା ।

୬.୨୭ ୨୦୨୦-୨୧ ମସିହାରେ ଶ୍ରମ ଓ ଲୋକଶକ୍ତି ପରିକଳ୍ପନା ପୁସ୍ତିକାର (Fact Book of Manpower) ନବମ ପର୍ଯ୍ୟାୟ ପ୍ରକାଶନ ପାଇଁ ସମସ୍ତ ୬୯ ଗୋଟି ଶ୍ରମ ଆୟୁକ୍ତ

ମଧ୍ୟରୁ ୩୬ ଗୋଟି ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ ସମସ୍ତ ତଥ୍ୟ ୨୦୧୮ ମସିହା ପାଇଁ ଅନୁସୂଚୀରେ ପ୍ରଦାନ କରିଅଛନ୍ତି। ଶ୍ରମଜୀବୀ କ୍ଷତିପୂରଣ ଅଧିନୀୟମ, ୧୯୨୩ ଅନୁଯାୟୀ ୨୦୧୬, ୨୦୧୭ ଏବଂ ୨୦୧୮ ମସିହାର ସମ୍ବଳିତ ବିବରଣୀ ଭାରତ ସରକାରଙ୍କ ଶ୍ରମ ସଂସ୍ଥା, ସିମ୍ଲା କୁ ପଠାଯାଇଅଛି । ୨୦୨୦-୨୧ ମସିହାରେ ୨୦୧୯ ମସିହା ପାଇଁ ସମସ୍ତ ୩୦ ଗୋଟି ଶ୍ରମ ଆୟୁକ୍ତ ମଧ୍ୟରୁ ୩ ଗୋଟି ଶ୍ରମ ଆୟୁକ୍ତଙ୍କ ଠାରୁ ତଥ୍ୟ ସଂଗୃହିତ ହୋଇଅଛି ।

୬.୨୮ ୨୦୨୧-୨୨ ବର୍ଷରେ ଅବଶିଷ୍ଟ ରହିଥିବା କାର୍ଯ୍ୟାଳୟ ମାନଙ୍କ ଠାରୁ ତଥ୍ୟ ସଂଗ୍ରହ କରାଯିବ ଏବଂ ଶ୍ରମ ଓ ଲୋକଶକ୍ତି ପରିକଳ୍ପନା ପୁସ୍ତିକାର (Fact Book of Manpower) ନବମ ପର୍ଯ୍ୟାୟ ପଞ୍ଚବାର୍ଷିକ ରିପୋର୍ଟ ପ୍ରକାଶନ କରାଯିବ ।

## ପ୍ରକାଶନ

୬.୨୯ ୨୦୨୦-୨୧ ବର୍ଷରେ ସମୁଦାୟ ୧୮ ଗୋଟି ଜିଲ୍ଲାର ଜିଲ୍ଲା ପରିସଂଖ୍ୟାନ ପୁସ୍ତିକା, ୨୦୧୮ , ଜିଲ୍ଲା ପରିସଂଖ୍ୟାନ ଅବଲୋକନ ପୁସ୍ତିକା ୨୦୨୦ ଓ ଓଡିଶା ପ୍ରୋଫାଇଲ, ୨୦୧୮ ପ୍ରକାଶିତ ହୋଇଅଛି । ୨୦୨୧-୨୨ ରେ ବାକି ଥିବା ୧୨ ଗୋଟି ଜିଲ୍ଲାର ଜିଲ୍ଲା ପରିସଂଖ୍ୟାନ ପୁସ୍ତିକା, ୨୦୧୮ ପ୍ରକାଶିତ କରାଯିବ ।

## ବାର୍ଷିକ ଶିଳ୍ପ ସର୍ବେକ୍ଷଣ

୬.୩୦ ଓଡ଼ିଶାର ବାର୍ଷିକ ଶିଳ୍ପ ସର୍ବେକ୍ଷଣ କାର୍ଯ୍ୟ କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଶିଳ୍ପ ପରିସଂଖ୍ୟାନ ଶାଖା), ଭାରତ ସରକାରଙ୍କ ସହଯୋଗରେ ୧୯୬୦ ମସିହାରୁ କରାଯାଇଆସୁଛି। ୨୦୨୦-୨୧ ବର୍ଷରେ, ୨୦୧୬-୧୭ ବର୍ଷର ବାର୍ଷିକ ଶିଳ୍ପ ସର୍ବେକ୍ଷଣର ସାରଣୀ ପ୍ରସ୍ତୁତି କାର୍ଯ୍ୟ ଏବଂ ୨୦୧୭-୧୮ ବର୍ଷର ବାର୍ଷିକ ଶିଳ୍ପ ସର୍ବେକ୍ଷଣର ସାରଣୀ ପ୍ରସ୍ତୁତି କାର୍ଯ୍ୟ ଏବଂ ୨୦୧୭-୧୮ ବର୍ଷର ବାର୍ଷିକ ଶିଳ୍ପ ସର୍ବେକ୍ଷଣର ତଥ୍ୟ ସଂଗ୍ରହ, ତର୍ଜମା ଏବଂ ବିଶ୍ଳେଷଣ କାର୍ଯ୍ୟ ସମାପ୍ତ ହୋଇଅଛି । ୨୦୧୮-୧୯ ବର୍ଷର ତଥ୍ୟ ସଂଗ୍ରହ କାର୍ଯ୍ୟ ଏବଂ ୨୦୧୬-୧୭ ଓ ୨୦୧୭-୧୮

ବର୍ଷପାଇଁ ରିପୋର୍ଟ  ପ୍ରସ୍ତୁତି କାର୍ଯ୍ୟ ୨୦୨୦-୨୧ ବର୍ଷରେ ସମାପ୍ତ କରାଯିବ । ୨୦୨୦-୨୧ ବର୍ଷରେ ୨୦୧୮-୧୯ ବର୍ଷର ରିପୋର୍ଟ ପ୍ରକାଶନ କରାଯିବ ।

## ଶିଳ୍ପ ସମ୍ବନ୍ଧୀୟ ଉତ୍ପାଦକ ସୂଚକାଙ୍କ

୬.୩୧ ଡିସେମ୍ବର ୩୧ ତାରିଖ ୨୦୨୦ ସୁଦ୍ଧା ୨୦୧୧-୧୨କୁ ମୂଳ ବର୍ଷ ଆଧାରରେ ରାଜ୍ୟ ସ୍ତରୀୟ ଶିଳ୍ପ ସମ୍ବନ୍ଧୀୟ ଉତ୍ପାଦକ ମାସିକ ସୂଚକାଙ୍କ ମାର୍ଚ୍ଚ, ୨୦୧୯ ପର୍ଯ୍ୟନ୍ତ ସଂକଳନ କାର୍ଯ୍ୟ ସମାପ୍ତି କରାଯାଇଅଛି । ମାର୍ଚ୍ଚ,  ୨୦୨୦ ପର୍ଯ୍ୟନ୍ତ ଶିଳ୍ପ ସମ୍ବନ୍ଧୀୟ ଉତ୍ପାଦକ ସୂଚକାଙ୍କ ସଂକଳନ କାର୍ଯ୍ୟ ୨୦୨୦-୨୧ ଶେଷ ସୁଦ୍ଧା ସମାପ୍ତ କରିବା ପାଇଁ ସ୍ଥିର କରାଯାଇଛି। ୨୦୨୦-୨୧ ବର୍ଷରେ ପ୍ରତ୍ୟେକ ମାସରେ ରାଜ୍ୟ ଶିଳ୍ପ ସମ୍ବନ୍ଧୀୟ ଉତ୍ପାଦକ ସୂଚକାଙ୍କ ୬୦ ଦିନ ମଧ୍ୟରେ ଉନ୍ମୋଚନ କରିବା ପାଇଁ ପଦକ୍ଷେପ ନିଆଯାଇଅଛି। ସର୍ବମୋଟ ୨୬୦ ଗୋଟି ଶିଳ୍ପ ଏବଂ ୭୭ ଗୋଟି ଦ୍ରବ୍ୟକୁ ନେଇ ରାଜ୍ୟ ଉତ୍ପାଦକ ସୂଚକାଙ୍କ ସଂକଳନ କରାଯିବ ।

## ଦଶମ କୃଷି ଗଣନା

୬.୩୨ କୃଷି ଗଣନା ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ହେଉଥିବା ଗୋଟିଏ ଯୋଜନା, ଯାହାକି ପ୍ରତି ପାଞ୍ଚ ବର୍ଷରେ ଥରେ ତିନୋଟି ପର୍ଯ୍ୟାୟରେ ରାଜ୍ୟ ଦ୍ୱାରା କାର୍ଯ୍ୟକାରୀ ହେଉଅଛି। ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଲା ରାଜ୍ୟର ଚାଷୀ ମାନଙ୍କର ସଂଖ୍ୟା ଓ ଚାଷଜାତର ପରିମାଣ ନିର୍ଦ୍ଧାରଣ କରିବା।  ଏଥି ସହିତ ଏହି କାର୍ଯ୍ୟକ୍ରମରେ ଜମିବିନିଯୋଗ, ଶସ୍ୟ ପ୍ରକରଣ, ସେଚନର ପ୍ରକାର, ପଶୁ ସମ୍ପଦ, କୃଷି ଯନ୍ତ୍ରପାତି, ବିହନ, ସାର ଓ କୀଟନାଶକର ବ୍ୟବହାର ଓ କୃଷି ଋଣ ଇତ୍ୟାଦିର ତଥ୍ୟ ସଂଗ୍ରହ କରାଯାଏ ।

୬.୩୩ ୨୦୨୦-୨୧ ବର୍ଷ ସୁଦ୍ଧା, ଦଶମ କୃଷି ଗଣନା, ୨୦୧୫-୧୬ ର ସମସ୍ତ କାର୍ଯ୍ୟ ସମାପ୍ତ କରାଯାଇ ତିନୋଟି ଯାକ ପର୍ଯ୍ୟାୟର ରିପୋର୍ଟ ଯଥା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟର ରିପୋର୍ଟ ପ୍ରକାଶନ ହୋଇସାରିଛି ଏବଂ ଏହା ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର Website ରେ ଉପଲବ୍ଧ କରାଯାଇଅଛି ।

୬.୩୪ ୨୦୨୧-୨୨ ବର୍ଷରେ ଭାରତ ସରକାରଙ୍କ ଠାରୁ ଅନୁମତି ଓ ନିର୍ଦ୍ଦେଶାବଳୀ ମିଳିବା ପରେ ଏକାଦଶ କୃଷି ଗଣନା କାର୍ଯ୍ୟ ଆରମ୍ଭ କରାଯିବ ।

## ଅର୍ଥନୈତିକ ଗଣନା

୬.୩୫ ଅର୍ଥନୈତିକ ଗଣନା ହେଉଛି ଏକ କେନ୍ଦ୍ରୀୟ ଯୋଜନା ଯାହା ଭାରତ ସରକାରଙ୍କ ଦ୍ୱାରା ସଂପୂର୍ଣ୍ଣ ଅନୁଦାନ ପ୍ରାପ୍ତ। ରାଜ୍ୟର ଭୌଗୋଳିକ ସୀମାରେଖା ମଧ୍ୟରେ ଅବସ୍ଥିତ ସମସ୍ତ ଉଦ୍ୟୋଗୀ ୟୁନିଟ ଗୁଡିକୁ ଗଣିବା ଏହି ଯୋଜନାର ଲକ୍ଷ୍ୟ। ଏହା କୃଷି (ଫସଲ ଉତ୍ପାଦନ ଏବଂ ବୃକ୍ଷ ରୋପଣ ବ୍ୟତୀତ) କିମ୍ବା ଅଣକୃଷି କାର୍ଯ୍ୟରେ ନିୟୋଜିତ ସମସ୍ତ ଉଦ୍ୟୋଗକୁ ଅନ୍ତର୍ଭୁକ୍ତ କରେ ।

୬.୩୬ ୨୦୧୯-୨୦ ବର୍ଷରେ ସପ୍ତମ ଅର୍ଥନୈତିକ ଗଣନା କାର୍ଯ୍ୟ ଆରମ୍ଭ କରାଯାଇଥିଲା । ୨୦୨୦-୨୧ ବର୍ଷ ସୁଦ୍ଧା ସମସ୍ତ ୬୪୭୦୮ ଗୋଟି ଗଣନା ବ୍ଲକର କ୍ଷେତ୍ର ଗଣନା କାର୍ଯ୍ୟ ସାଧାରଣ ସେବା କେନ୍ଦ୍ର ଇ-ଗଭର୍ନାନ୍ସ ଇଣ୍ଡିଆ ଲିମିଟେଡର କର୍ମଚାରୀମାନଙ୍କ ଦ୍ୱାରା ସମାପ୍ତ ହୋଇଅଛି । ୨୦୨୦-୨୧ ବର୍ଷରେ ସପ୍ତମ ଅର୍ଥନୈତିକ ଗଣନାର ସାରଣୀ ପ୍ରସ୍ତୁତି କାର୍ଯ୍ୟ ଏବଂ ରିପୋର୍ଟ ପ୍ରସ୍ତୁତି କରାଯିବ ।

## ପରିସଂଖ୍ୟାନ ସୁଦୃଢୀକରଣ ସହାୟକ ପ୍ରକଳ୍ପ

୬.୩୭ ପରିସଂଖ୍ୟାନ ସୁଦୃଢୀକରଣ ସହାୟକ ପ୍ରକଳ୍ପ ଏକ ଭାରତ ସରକାରଙ୍କ ଦ୍ୱାରା ଅନୁଦାନ ପ୍ରାପ୍ତ କେନ୍ଦ୍ରୀୟ ଯୋଜନା ଅଟେ ଏବଂ ରାଜ୍ୟରେ ପରିସଂଖ୍ୟାନ ପ୍ରଣାଳୀର ସୁଦୃଢୀକରଣ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ ।

୬.୩୮ ଏହି ଯୋଜନା ମାଧ୍ୟମରେ ବିଭିନ୍ନ ପ୍ରକାରର ପରିସଂଖ୍ୟାନ କାର୍ଯ୍ୟକ୍ରମ ଯାହାକି ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଅନ୍ତର୍ଭୁକ୍ତ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଅଛି । ରାଜ୍ୟ ପରିସଂଖ୍ୟାନର ଭିତ୍ତିଭୂମି ସୁଦୃଢୀକରଣ କରିବା ନିମନ୍ତେ ପରିସଂଖ୍ୟାନ ସୁଦୃଢୀକରଣ ପ୍ରକଳ୍ପ (Support for Statistical Strengthening) ସହାୟତାରେ ୨୦୧୮-୧୯ ମସିହାରେ ରାଜ୍ୟ ସ୍ତରୀୟ ପରିସଂଖ୍ୟାନ ଭବନ ଓ ରାଜ୍ୟର ୩୧୪ ଗୋଟି ବ୍ଲକରେ ବ୍ଲକ ପରିସଂଖ୍ୟାନ ଭବନ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଅଛି । ଡିସେମ୍ବର ୨୦୨୦ ସୁଦ୍ଧା ବ୍ଲକ ଉନ୍ନୟନ ଅଧିକାରୀ ମାନେ ସମ୍ପୂର୍ଣ୍ଣ

ହୋଇଥିବା ୩୧୪ ଗୋଟି ବ୍ଲକ ପରିସଂଖ୍ୟାନ ଭବନ ମଧ୍ୟରୁ ୩୦୨ ଗୋଟି ବ୍ଲକ ପରିସଂଖ୍ୟାନ ଭବନର ହସ୍ତାନ୍ତର କରଣ କାର୍ଯ୍ୟ ସମାପନ କରିଛନ୍ତି। ଏହି ଯୋଜନାରେ ପରିସଂଖ୍ୟାନବିତ୍ ମାନଙ୍କର ସାମର୍ଥ୍ୟ ବିକାଶ ନିମନ୍ତେ ଅନେକ ଗୁଡିଏ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି ।

୬.୩୯ ଏହି ଯୋଜନାରେ ସୂଚନା ପ୍ରଯୁକ୍ତି ବିଦ୍ୟା ସମ୍ପର୍କିତ ବହୁ କାର୍ଯ୍ୟକ୍ରମ କରାଯାଉଅଛି ଏବଂ ୨୦୨୦-୨୧ ରେ ଜିଲ୍ଲା ଗୁଡିକୁ କମ୍ପ୍ୟୁଟର ଏବଂ ଯନ୍ତ୍ରାଂଶ ଆହରଣ କରିବାପାଇଁ ଅନୁଦାନ ପଠାଯାଇଅଛି ।

## ୭. ଉନ୍ନୟନ ଭିତ୍ତିକ କାର୍ଯ୍ୟକ୍ରମ

## ବିଜୁ କେ. ବି. କେ ଯୋଜନା: ୨୦୨୦-୨୧

୭.୧ ୨୦୨୦-୨୧ ଆର୍ଥିକ ବର୍ଷ ନିମନ୍ତେ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ବିଜୁ କେବିକେ ଯୋଜନାରେ ୧୨୦ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି । ବିଜୁଳି, ସଡକ, ପାଣି ଓ ଜୀବିକା ନିର୍ବାହ ପାଇଁ ପଦକ୍ଷେପ ଅର୍ଥାତ ଗ୍ରାମ୍ୟ ବିଦ୍ୟୁତିକରଣ ଓ ରାସ୍ତା ଘାଟରେ ବିଜୁଳି ଆଲୁଅ ବ୍ୟବସ୍ଥା, ଗ୍ରାମ ମଧ୍ୟରେ କଂକ୍ରିଟ ରାସ୍ତା ନିର୍ମାଣ, ଜଳସେଚନ ଓ ପାନୀୟ ଜଳର ଉତ୍ସ ସୃଷ୍ଟି ସମ୍ପର୍କିତ କାର୍ଯ୍ୟ/ ପ୍ରକଳ୍ପ ଏବଂ ପୋଷଣୀୟ ଆୟ ସୃଷ୍ଟି ଆଦି କାର୍ଯ୍ୟକ୍ରମ ନିମନ୍ତେ ଉକ୍ତ ଅର୍ଥକୁ ଆଠୋଟି କେବିକେ ଜିଲ୍ଲାଗୁଡ଼ିକୁ ଯୋଗାଇ ଦିଆଯାଇଛି ।

## ୨୦୨୦-୨୧ ବର୍ଷରେ ବିଜୁ କନ୍ଧମାଳ ଓ ଗଜପତି ଯୋଜନାରେ କାର୍ଯ୍ୟାନ୍ୱୟନ

୭.୨ ବିଜୁ କନ୍ଧମାଳ ଓ ଗଜପତି ଯୋଜନା ମାଧ୍ୟମରେ ୨୦୨୦-୨୧ ଆର୍ଥିକ ବର୍ଷରେ ବିଜୁଳି , ସଡକ , ପାଣି , ଜୀବିକା ନିର୍ବାହ ବ୍ୟବସ୍ଥା ଏବଂ ସାମାଜିକ ନିରାପତ୍ତା କାର୍ଯ୍ୟକ୍ରମ ଆଦି କ୍ଷେତ୍ର ସମ୍ପର୍କିତ କାର୍ଯ୍ୟ / ପ୍ରକଳ୍ପ ଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ କନ୍ଧମାଳ ଓ ଗଜପତି ଜିଲ୍ଲାକୁ ଯଥାକ୍ରମେ ୧୮ କୋଟି ଟଙ୍କା ଓ ୧୦.୫୦ କୋଟି ଟଙ୍କା ଯୋଗାଇ ଦିଆଯାଇଛି ।

## ୨୦୨୦-୨୧ ବର୍ଷରେ ସାମାଜିକ-ଆର୍ଥିକ ରୂପାନ୍ତରଣ ଓ ଉତ୍ଥାନ ଯୋଜନାର କାର୍ଯ୍ୟାନ୍ୱୟନ

୭.୩ ୨୦୨୦-୨୧ ଆର୍ଥିକ ବର୍ଷରେ ସ୍ୱାଭିମାନ ଅଞ୍ଚଳ ନାମରେ ଅଭିହିତ ଚିତ୍ରକୋଣ୍ଡା ବ୍ଲକର ତତ୍କାଳୀନ ବିଚ୍ଛିନ୍ନାଞ୍ଚଳ ବିକାଶ ନିମନ୍ତେ ସାମାଜିକ-ଆର୍ଥିକ ରୂପାନ୍ତରଣ ଓ ଉତ୍ଥାନ ଯୋଜନାରେ ୧୦୦ କୋଟି ଟଙ୍କା ଯୋଗାଇ ଦିଆଯାଇଛି ।

## ୮. ଅନୁଦାନ (GRANT-in-AID)

୮.୧ ଯୋଜନା ଓ ସଂଯୋଜନ ବିଭାଗ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି, ସ୍ୱତନ୍ତ୍ର ସମସ୍ୟା ପାଣ୍ଠି, ସ୍ୱତନ୍ତ୍ର ଉନ୍ନୟନ କାର୍ଯ୍ୟକ୍ରମ ନିମନ୍ତେ ଅନୁଦାନ ପ୍ରଦାନ କରେ ଏବଂ ସାଂସଦ ଉନ୍ନୟନ ପାଣ୍ଠିର କରେ। ମାନନୀୟ ସାଂସଦ ଓ ବିଧାୟକମାନେ ଏହି କାର୍ଯ୍ୟକ୍ରମରେ ନିଜସ୍ୱ ନିର୍ବାଚନ ମଣ୍ଡଳୀରେ ଉପଯୋଗ କରିବା ନିମନ୍ତେ ପ୍ରକଳ୍ପମାନ ସୁପାରିସ କରିଥାନ୍ତି। ଏହି ଯୋଜନାର ବିଶଦ ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା ।

## ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି (MLALAD)

୮.୨ ଯୋଜନା ପ୍ରକ୍ରିୟାରେ ଜନସାଧାରଣ ଓ ସ୍ଥାନୀୟ ଲୋକ ପ୍ରତିନିଧି ମାନଙ୍କ ଅଂଶଗ୍ରହଣକୁ ଅଧିକରୁ ଅଧିକ ବୃଦ୍ଧି କରିବା ନିମନ୍ତେ, ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ପ୍ରଚଳନ କରାଯାଇଛି, ଯାହାକି ଯୋଜନା ର ବିକେନ୍ଦ୍ରୀକରଣ ର ମୁଖ୍ୟ ଉଦ୍ଦେଶ୍ୟ ଅଟେ। ୧୯୯୩ ଠାରୁ ପ୍ରଚଳିତ ସାଂସଦ ଉନ୍ନୟନ ପାଣ୍ଠି ଢାଞ୍ଚା ରେ ୧୯୯୭-୯୮ ଠାରୁ ବିଧାୟକ ଉନ୍ନୟନ ପାଣ୍ଠି ଓଡିଶାରେ ପ୍ରଚଳନ କରାଯାଇଛି। ରାଜ୍ୟ ଯୋଜନା ବଜେଟ ରୁ ପ୍ରତି ନିର୍ବାଚନ ମଣ୍ଡଳୀ ପିଛା ୧.୦୦ କୋଟି ଲେଖାଏଁ ଅର୍ଥ ପ୍ରଦାନ କରାଯାଇଥାଏ, ଯାହାକି ରାଜ୍ୟର ସମ୍ବଳକୁ ଦୃଷ୍ଟିରେ ରଖି ବଣ୍ଟନ କରାଯାଇଥାଏ । ଏହି ଅର୍ଥ କ୍ଷୁଦ୍ର ତଥା ଅତ୍ୟାବଶ୍ୟକ ପ୍ରକଳ୍ପ ଗୁଡିକ ନିମନ୍ତେ ଖର୍ଚ୍ଚ ହେବା ପାଇଁ ଉଦ୍ଦିଷ୍ଟ ଅଟେ। ଅନ୍ୟ ସୂତ୍ରରୁ ଅର୍ଥ ଉପଲବ୍ଧ ହୋଇପାରୁନଥିବା ପ୍ରକଳ୍ପ ଗୁଡିକ ନିମନ୍ତେ ଏହି ପାଣ୍ଠି ର ଅର୍ଥ ମଞ୍ଜୁର କରାଯାଏ। ଏହି ଅର୍ଥ ଅନ୍ୟ କୌଣସି ପାଣ୍ଠି ସହିତ ମିଶାଯାଇ ପାରିବ ନାହିଁ। ତଥାପି ଏହି ପାଣ୍ଠି ରାଜ୍ୟ ପ୍ରତିଷ୍ଠିତ ପ୍ରଶାସନ ଏବଂ ଆର୍ଥିକ କ୍ରିୟାବିଧି ଓ କେତେକ ନିର୍ଦ୍ଦିଷ୍ଟ

ନିୟମାବଳୀ ଅନୁଯାୟୀ ବିନିଯୋଗ କରାଯାଏ। ମନୋନୀତ ପ୍ରକଳ୍ପ ଗୁଡିକ ଆର୍ଥିକ ବର୍ଷ ମଧ୍ୟରେ ମନୋନୀତ ହେବା ଆବଶ୍ୟକ। ୨୦୧୦-୧୧ ରୁ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି constituency ପିଛା ୧.୦୦ କୋଟି କୁ ବୃଦ୍ଧି କରାଯାଇଛି। କିନ୍ତୁ, ୨୦୨୦-୨୧ ଠାରୁ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି (MLALAD) ରେ ରାଜ୍ୟ ଯୋଜନା ବଜେଟ ରୁ ପ୍ରତି ନିର୍ବାଚନ ମଣ୍ଡଳୀ ପିଛା ୩.୦୦ କୋଟି ଦିଆଯିବାର ବ୍ୟବସ୍ଥା ରହିଛି । ଯେଉଁଥିରୁ ପ୍ରତି ନିର୍ବାଚନ ମଣ୍ଡଳୀ ପିଛା ୨.୦୦ କୋଟି General Component, ୦.୫୦ କୋଟି Higher Education Component ଓ ୦.୫୦ କୋଟି Road Component ହିସାବରେ ବଣ୍ଟନ କରାଯିବାର ବ୍ୟବସ୍ତା ରହିଛି । ପୁଣି, ପ୍ରତି ନିର୍ବାଚନ ମଣ୍ଡଳୀ ପିଛା ୨.୦୦ କୋଟି General Component ରୁ ୫୦ ଲକ୍ଷ ଟଙ୍କା ଅର୍ଥ କେବଳ COVID-19 ମହାମାରୀ ନିମନ୍ତେ ଖର୍ଚ୍ଚ କରାଯିବାର ବ୍ୟବସ୍ତା ଅଛି । ରାଜ୍ୟ ସ୍ତରରେ ଓ ଜିଲ୍ଲା ସ୍ତରରେ ଏହାର ତ୍ୱରାନ୍ୱିତ କାର୍ଯ୍ୟୋନ୍ୱୟନ ପାଇଁ ନିୟମିତ ଭାବରେ ସମୀକ୍ଷା କରାଯାଉଛି। ଏହି ପାଣ୍ଠିରେ, ୨୦୨୦-୨୧ ପର୍ଯ୍ୟନ୍ତ ୨୭୮୫.୬୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସେଥିରୁ ୨୦୩୯.୫୮କୋଟି ଟଙ୍କା (୭୩.୨୧%) ବର୍ତ୍ତମାନ ସୁଧା ଖର୍ଚ୍ଚ ହୋଇଛି। ଅଦ୍ୟାବଧି ୩,୦୭,୯୮୩ ଟି ପ୍ରକଳ୍ପ ମଞ୍ଜୁର ହୋଇଛି ଯେଉଁଥିରୁ ୨,୮୨,୩୦୪ (୯୧.୬୬ %) ଟି ପ୍ରକଳ୍ପ ସଂପୂର୍ଣ୍ଣ ହୋଇଛି ।

## ସ୍ୱତନ୍ତ୍ର ସମସ୍ୟା ପାଣ୍ଠି (SPF)

୮.୩ ରାଜ୍ୟ ସରକାରଙ୍କ ଦ୍ୱାରା ୧୯୯୭-୯୮ ରେ ସ୍ୱତନ୍ତ୍ର ସମସ୍ୟା ଜନିତ ପାଣ୍ଠି (SPF) କାର୍ଯ୍ୟକାରୀ ହେଲା। ବିଭିନ୍ନ ଜିଲ୍ଲାର ସ୍ୱତନ୍ତ୍ର ଗୁରୁତ୍ୱ ଥିବା ପ୍ରକଳ୍ପ ଗୁଡିକୁ ଉପରୋକ୍ତ ପାଣ୍ଠିରେ ଅର୍ଥ ମଞ୍ଜୁର ହୋଇଥାଏ। ସ୍ୱତନ୍ତ୍ର ସମସ୍ୟା ଥିବା ତଥା ସ୍ଥାନୀୟ ଆବଶ୍ୟକତା ଥିବା କ୍ଷୁଦ୍ର ଓ ଅତ୍ୟାବଶ୍ୟକୀୟ ପ୍ରକଳ୍ପ ନିମନ୍ତେ ଅର୍ଥ ମଞ୍ଜୁର ଏହି ଯୋଜନାର ମୂଳ ଲକ୍ଷ୍ୟ ଅଟେ। ଏଯାବତ ୨୦୨୦ ଜାନୁୟାରୀ ସୁଦ୍ଧା ୮୧୯.୭୦କୋଟି ଟଙ୍କା ବଜେଟ ରେ ପ୍ରଦାନ କରାଯାଇଅଛି। ସେଥିରୁ ୪୯୪.୭୯ କୋଟି (୬୦.୪%) ଟଙ୍କା ଖର୍ଚ୍ଚ ହୋଇଅଛି। ପୁଣି, ୨୦୨୦ -୨୧ ଆର୍ଥିକ ବର୍ଷରେ ରାଜ୍ୟ ଯୋଜନା ବଜେଟରେ ୧୦୦.୦୦ କୋଟି ଅର୍ଥ ଏହି ପାଣ୍ଠିରେ ରଖାଯାଇଅଛି। ଯେଉଁଥିରୁ ୧୭.୪୪ କୋଟି ଅର୍ଥ ବିଭିନ୍ନ ପ୍ରକଳ୍ପ ନିମନ୍ତେ ମଞ୍ଜୁର କରାଯାଇଅଛି । ଅଦ୍ୟାବଧି ମୋଟ ୩୦,୩୯୩ ମଞ୍ଜୁରିପ୍ରାପ୍ତ ପ୍ରକଳ୍ପ ମଧ୍ୟରୁ ୨୧,୫୧୯ (୭୦.୮୦ %) ପ୍ରକଳ୍ପ ସଂପୂର୍ଣ୍ଣ ହୋଇଛି ।

## ସାଂସଦ ଆଞ୍ଚଳିକ ଉନ୍ନୟନ ପାଣ୍ଠି (MPLAD)

୮.୪ ଏହି ଯୋଜନା ୧୯୯୩-୯୪ ମସିହାଠାରୁ କାର୍ଯ୍ୟକାରୀ ହେଉଛି । ଏହି ଯୋଜନାରେ ପ୍ରତ୍ୟେକ ସାଂସଦ ନିଜ ନିର୍ବାଚନ ମଣ୍ଡଳୀ ନିମନ୍ତେ ବର୍ଷକୁ ୫.୦୦ କୋଟି ଟଙ୍କାର ପ୍ରକଳ୍ପ ସୁପାରିଶ କରିଥାନ୍ତି । ରାଜ୍ୟସଭା ସାଂସଦ ତାଙ୍କ ନିର୍ବାଚନ ମଣ୍ଡଳୀ କିମ୍ବା ଅନ୍ୟ ନିର୍ବାଚନ ମଣ୍ଡଳୀ ନିମନ୍ତେ ପ୍ରକଳ୍ପମାନ ଦେଇପାରିବେ। ଭାରତ ସରକାରଙ୍କ ଅଧିନରେ ଥିବା "ପରିସଂଖ୍ୟାନ ଓ ଯୋଜନା କାର୍ଯ୍ୟନ୍ୱୟନ ମନ୍ତ୍ରଣାଳୟ" ବିଭିନ୍ନ ସମୟରେ ଏହି ସଙ୍କ୍ରାନ୍ତୀୟ ନିର୍ଦ୍ଦେଶାବଳୀ ପ୍ରଦାନ କରିଥାନ୍ତି। ମାନନୀୟ ସଂସଦମାନେ ନିଜ ନିର୍ବାଚନ ମଣ୍ଡଳୀରେ ଥିବା ସ୍ଥାନୀୟ ସମସ୍ୟାକୁ ଦୃଷ୍ଟିରେ ରଖି ଉନ୍ନୟନମୂଳକ ପ୍ରକଳ୍ପମାନ ସୁପାରିଶ କରିଥାନ୍ତି । ଏହି ପାଣ୍ଠିରେ ଯୋଜନା ଆରମ୍ଭରୁ ଗୁରୁତ୍ୱପୂର୍ଣ୍ଣ ଓ ସ୍ଥାୟୀ ପ୍ରକଳ୍ପସବୁ ଯଥା-ପାନୀୟଜଳ ,ପ୍ରାଥମିକ ଶିକ୍ଷା ,ସାଧାରଣ ସ୍ୱାସ୍ଥ୍ୟ ,ପରିମଳ ଓ ରାସ୍ତା ଇତ୍ୟାଦି ମଞ୍ଜୁର କରାଯାଇଥାଏ । ଏହି ବିଭାଗ ଉକ୍ତ ଯୋଜନାର ସଫଳ ରୂପାୟନ ନିମନ୍ତେ ସତତ ଚେଷ୍ଟିତ ରହିଥାଏ। ଏକ MIS Portal ପ୍ରଚଳନ କରାଯାଇଛି ଯେଉଁଥିରେ ସମସ୍ତ ତଥ୍ୟ ମନୋନୀତ ଜିଲ୍ଲା ଦ୍ୱାରା ଜନସାଧାରଙ୍କ ଅବଗତି ନିମନ୍ତେ ଦର୍ଶାଯାଇଛି । ଏହି ପାଣ୍ଠି ସିଧାସଳଖ ଭାବେ କେନ୍ଦ୍ର ସରକାରଙ୍କ ପାଖରୁ ନୋଡାଲ ଜିଲ୍ଲାପାଳଙ୍କ ପାଖକୁ ଆସିଥାଏ। ବିଭିନ୍ନ ସ୍ତରରେ ଏହି କାର୍ଯ୍ୟର ସମୀକ୍ଷା କରାଯାଇଥାଏ ତଥା ରାଜ୍ୟ ସରକାର ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ଅଧୀନରେ ଜିଲ୍ଲା ସ୍ତରୀୟ ମନିଟରିଙ୍ଗ କମିଟି ଗଠନ କରିଛନ୍ତି। କିନ୍ତୁ, ୨୦୨୦-୨୧ ଆର୍ଥିକ ବର୍ଷ ଠାରୁ ଆସନ୍ତା ୨ ବର୍ଷ ଯାଏଁ ଏହି ପାଣ୍ଠି କୁ ସ୍ଥଗିତ ରଖାଯାଇଅଛି ଏବଂ ଏହି ଅର୍ଥ ମହାମାରୀ କରୋନା ମୁକାବିଲା ନିମନ୍ତେ ଖର୍ଚ୍ଚ କରାଯିବାର ପ୍ରସ୍ତାବ ରହିଅଛି ।

୮.୫ ଭାରତ ସରକାର ଅଦ୍ୟାବଧି ୨୨୯୩.୩୪କୋଟି ଟଙ୍କା ରାଜ୍ୟକୁ ମଞ୍ଜୁର କରିଅଛନ୍ତି ଏବଂ ତନ୍ମଧ୍ୟରୁ ୨୦୭୬.୭୬ ଟଙ୍କା (୯୦.୫୫ %) ଖର୍ଚ୍ଚ ହୋଇଛି। ଅଦ୍ୟାବଧି ୧,୪୭,୭୨୪ ଟି ପ୍ରକଳ୍ପ ମଞ୍ଜୁର ହୋଇଛି ଯେଉଁଥିରୁ ୧,୩୯,୮୦୪ (୯୪.୬୩ %) ଟି ପ୍ରକଳ୍ପ ସଂପୂର୍ଣ୍ଣ ହୋଇଛି।

## ୯. ମୂଲ୍ୟାୟନ ପ୍ରକୋଷ୍ଠ (Evaluation Cell)

୯.୧ ମୂଲ୍ୟାୟନ ଯୋଜନା କାର୍ଯ୍ୟକ୍ରମ ର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବିଶେଷ ଅଟେ। ସରକାରଙ୍କର ବିଭିନ୍ନ ଯୋଜନା ର ମୂଲ୍ୟାୟନ କାର୍ଯ୍ୟକ୍ରମ, ମୂଲ୍ୟାୟନ ପ୍ରକୋଷ୍ଠ ଦ୍ୱାରା

କରାଯାଇଥାଏ। ମୂଲ୍ୟାୟନ ଅଧ୍ୟୟନ  ରିପୋର୍ଟ ଗୁଡିକ ଯୋଜନା କାର୍ଯ୍ୟକ୍ରମର ଫଳପ୍ରସୂ କାର୍ଯ୍ୟାନ୍ୱୟନ ଓ ପ୍ରଭାବ ଉପରେ ପର୍ଯ୍ୟବେସିତ। ଏହା ମଧ୍ୟବର୍ତ୍ତୀକାଳୀନ ସଂଶୋଧନ ସହିତ ଯୋଜନା କାର୍ଯ୍ୟକ୍ରମଗୁଡିକରେ ଅଧିକ ଉନ୍ନତି ଆଣିବା ପାଇଁ ସୁପାରିଶ କରିଥାଏ ।

୯.୨ ମୂଲ୍ୟାୟନ ପ୍ରକୋଷ୍ଠ ଦ୍ୱାରା ୨୦୨୦-୨୧ ବର୍ଷରେ ହୋଇଥିବା ମୂଲ୍ୟାୟନ କାର୍ଯ୍ୟକ୍ରମଗୁଡିକ ଅଗ୍ରଗତି ନିମ୍ନରେ ପ୍ରଦତ୍ତ  କରାଗଲା ।

- ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭେଲପମେଣ୍ଟ ଷ୍ଟଡ଼ିଜ, ଭୁବନେଶ୍ୱର ଦ୍ୱାରା ପ୍ରସ୍ତୁତ ବିଜୁ କନ୍ଧମାଳ 'ଓ' ଗଜପତି ଯୋଜନାର ଡ୍ରାଫ୍ଟ ମୂଲ୍ୟାୟନ ରିପୋର୍ଟ, ରାଜ୍ୟ ସ୍ତରୀୟ ମୂଲ୍ୟାୟନ ଉପଦେଷ୍ଟା କମିଟି ରେ ଚୂଡାନ୍ତ କରାଯାଇଛି । ଏହି ରିପୋର୍ଟ ର ଆବଶ୍ୟକ ନକଲ ହାସଲ ପାଇଁ ଅନୁରୋଧ କରାଯାଇଛି ।
- ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ସମ୍ପୃକ୍ତ ଅଧିକାରୀଙ୍କ ସହ ସଂପୂର୍ଣ୍ଣ ବିଚାରବିମର୍ଶ ପରେ (i) ସମନ୍ୱିତ କାର୍ଯ୍ୟ ଯୋଜନା ଓ (ii) ବାଳିକା ଛାତ୍ରୀ ମାନଙ୍କର ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ  ଯୋଜନାର ପରିବର୍ତ୍ତିତ  ଅଧ୍ୟୟନ ରିପୋର୍ଟ, ଯଥାକ୍ରମେ  ଜାତୀୟ ପ୍ରତିଷ୍ଠାନ ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତିରାଜ, ହାଇଦ୍ରାବାଦ ଏବଂ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତିରାଜ ଅନୁଷ୍ଠାନ, ଭୁବନେଶ୍ୱର ଠାରୁ ସଂଗୃହିତ କରାଯାଇଅଛି ।  ଉପରୋକ୍ତ ପରିବର୍ତ୍ତିତ ରିପୋର୍ଟ  ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଙ୍କ ଅଧ୍ୟକ୍ଷତା ରେ ଗଠିତ ହୋଇଥିବା ରାଜ୍ୟସ୍ତରୀୟ ମୂଲ୍ୟାୟନ ଉପଦେଷ୍ଟା  କମିଟି  ରେ  ଚୂଡାନ୍ତ ନିମନ୍ତେ ଉପସ୍ଥାପନ କରାଯିବ ।
- ଓଡିଶା ସରକାର ଓ J-PAL SA ସହ ହୋଇଥିବା ଚୁକ୍ତି ଅନୁଯାଇ ଗଠିତ ହୋଇଥିବା କର୍ଣ୍ଣଧାର କମିଟି (Steering Committee)ରେ  ୩ ଗୋଟି ଯୋଜନା ବି.ଦ୍ର – Inclusive Growth Dividend (IGD), Graduation Approach/ Targeting the Ultra poor (TUP) ଏବଂ Distress Migration ର ପଥଦର୍ଶୀ  ପରିଯୋଜନା କାର୍ଯ୍ୟକାରିତା ନିମନ୍ତେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସଭାପତିତ୍ୱ ରେ ହୋଇଥିବା ବୈଠକରେ ଆଲୋଚନା କରାଯାଇଅଛି  ।

- ଓଡ଼ିଶାରେ ଚାଲିଥିବା ବିଭିନ୍ନ ଯୋଜନା ଗୁଡିକର ମୂଲ୍ୟାୟନ  ନିମନ୍ତେ ପ୍ରସ୍ତାବିତ HFM ପ୍ରକଳ୍ପ ଉପରେ ମଧ୍ୟ ଓଡିଶା ସରକାର ଓ J-PAL SA ମଧ୍ୟରେ ଏକ ବୈଠକରେ ଆଲୋଚନା କରାଯାଇଛି ।

## ୧୦. ଜିଲ୍ଲା ଯୋଜନାର ବିକେନ୍ଦ୍ରୀକରଣ

## ଜିଲ୍ଲା ଯୋଜନା କମିଟିର ଗଠନ

୧୦.୧ ଜିଲ୍ଲା ଯୋଜନା କମିଟି ଜିଲ୍ଲା ଯୋଜନା କମିଟି ଅଧିନିୟମ ୧୯୯୮ ଅନୁଯାୟୀ ଗଠନ କରାଯାଇଥିଲା ଏବଂ ଏହାର ଆଭିମୂଖ୍ୟ ଗଠନ, କାର୍ଯ୍ୟାବଳୀ ଏବଂ କ୍ଷମତା ଗୁଡିକ ଜିଲ୍ଲା ଯୋଜନା କମିଟି ନିୟମ ୨୦୦୦ ପ୍ରକାଶିତ ହେଲାପରେ କାର୍ଯ୍ୟକାରୀ ହୋଇଥିଲା ।

୧୦.୨ ଉଭୟ ଜିଲ୍ଲା ଯୋଜନା କମିଟି ଅଧିନିୟମ ୧୯୯୮ ଏବଂ ଓଡିଶା ଜିଲ୍ଲା ଯୋଜନା କମିଟି ନିୟମ ୨୦୦୦ କ୍ରମାନ୍ୱୟରେ ୨୦୧୫ ଓ ୨୦୧୬ ସମିହାରେ ସଂଶୋଧନ କରାଯାଇଥିଲା । ଏହାର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

- ଜିଲ୍ଲା ଯୋଜନା କମିଟିରେ ଅନ୍ୟୁନ ୫୦  ଭାଗ ସ୍ଥାନ ମହିଳାମାନଙ୍କ ନିମନ୍ତେ ଆରକ୍ଷଣ କରାଯାଇଛି ।
- ସରକାରଙ୍କ ଦ୍ୱାରା ମନୋନୀତ ହେବା ମତେ ରାଜ୍ୟ ମନ୍ତ୍ରୀ ପରିଷଦର ଜଣେ ମନ୍ତ୍ରୀ ବା ଜିଲ୍ଲାର ସମସ୍ତ ବା ଆଂଶିକ କ୍ଷେତ୍ରକୁ ନେଇ ଗଠିତ ନିର୍ବାଚନ ମଣ୍ଡଳୀକୁ ପ୍ରତିନିଧିତ୍ୱ କରୁଥିବା ରାଜ୍ୟ ବିଧାନସଭାର ଜଣେ ସଦସ୍ୟ ଅଧ୍ୟକ୍ଷତା କରିବେ ।
- ନିର୍ବାଚିତ ସଦସ୍ୟମାନଙ୍କ ମଧ୍ୟରୁ ସରକାରଙ୍କ ଦ୍ୱାରା ଉପାଧ୍ୟକ୍ଷ ମନୋନୀତ ହେବେ, ପରନ୍ତୁ ମନୋନୀତ ଅଧ୍ୟକ୍ଷ ଯଦି ମହିଳା ହୋଇନଥିବେ ତେବେ  ଉପାଧ୍ୟକ୍ଷ ପଦବୀରେ ଜଣେ ମହିଳା ରହିବେ ।
- ମନୋନୀତ ସଦସ୍ୟଙ୍କ କାର୍ଯ୍ୟକାଳ ପୂର୍ବରୁ ଅପସାରିତ ନହେଲେ ତାଙ୍କ ନିର୍ବାଚନ ତାରିଖ ଠାରୁ ୩  ବର୍ଷ ହେବ ।

## ଜିଲ୍ଲା ଯୋଜନା କମିଟିରେ ଉପାଧ୍ୟକ୍ଷମାନଙ୍କର ମନୋନୟନ

- ୩୦ ଗୋଟି ଜିଲ୍ଲା ଯୋଜନା କମିଟି ପାଇଁ ସରକାରଙ୍କ ଦ୍ୱାରା ଚୟନ ପ୍ରକ୍ରିୟା ସଂପୂର୍ଣ୍ଣ କରାଯାଇଅଛି ।
- ସଂଶୋଧିତ ଜିଲ୍ଲା ଯୋଜନା କମିଟି ଅଧିନୀୟମ ୨୦୧୫ ଅନୁଯାୟୀ ସରକାରଙ୍କ ଦ୍ୱାରା ୧୨ ଜଣ ମାନ୍ୟବର ବିଧାୟକମାନଙ୍କୁ ୧୨ ଗୋଟି ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଭାବେ ମନୋନୟନ କରାଯାଇଅଛି। ଏହି ଜିଲ୍ଲାଗୁଡିକ ହେଲା - ବାଲେଶ୍ୱର, ବରଗଡ, ଭଦ୍ରକ,ବୌଦ୍ଧ, କଟକ, ଗଞ୍ଜାମ, ଜଗତସିଂହପୁର, ନୂଆପଡା, କୋରାପୁଟ, ଖୋର୍ଦ୍ଧା, ନୟାଗଡ ଏବଂ ସୁନ୍ଦରଗଡ ।

## ବ୍ୟାପକ ଜିଲ୍ଲା ଯୋଜନା ପ୍ରସ୍ତୁତିକରଣ

- ୧୦.୯ ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ୨୦୧୪-୧୫ ଆର୍ଥିକ ବର୍ଷଠାରୁ ଜିଲ୍ଲାର ବ୍ୟାପକ ବାର୍ଷିକ ଚିଠା ଯୋଜନା ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା (DPMU) କାର୍ଯ୍ୟାଳୟ ଦ୍ୱାରା ପ୍ରସ୍ତୁତ କରାଯାଇଅଛି । ଜିଲ୍ଲାସ୍ତରରେ ୨୦୨୦-୨୧ ବ୍ୟାପକ ଜିଲ୍ଲା ଯୋଜନା ପ୍ରସ୍ତୁତି ପାଇଁ ଯୋଜନା ଓ ସଂଯୋଜନ ବିଭାଗ ଦ୍ୱାରା ସମସ୍ତ ଜିଲ୍ଲାପାଳ ଓ ସଦସ୍ୟ ସଚିବ ମାନଙ୍କୁ ଅବଗତ କରାଯାଇଅଛି ।

## ଜିଲ୍ଲା ଯୋଜନା ପାଇଁ ସଙ୍କଟ କାଳୀନ ପାଣ୍ଠି

- ୨୦୧୬-୧୭ ଆର୍ଥିକ ବର୍ଷରେ ଜିଲ୍ଲା ଯୋଜନା ପାଇଁ ସଙ୍କଟକାଳୀନ ପାଣ୍ଠି ନାମକ ଏକ ନୂତନ ଯୋଜନା ପ୍ରଚଳନ କରାଯାଇଅଛି । ଉପରୋକ୍ତ ଯୋଜନାରେ ୩୦ ଗୋଟି ଜିଲ୍ଲା ପାଇଁ ୪୨.୦୦କୋଟି ଟଙ୍କାର ଭିତ୍ତିଭୂମିକୁ ପ୍ରାଧାନ୍ୟ ଦିଆଯାଇ ଯୋଗାଯୋଗ ଶୁନ୍ୟ ଅଞ୍ଚଳକୁ ସଂଯୋଗୀକରଣ, ସ୍ୱାସ୍ଥ୍ୟ ଓ ପାନୀୟ ଜଳକୁ ଗୁରୁତ୍ୱ ଦେବାର ଲକ୍ଷ୍ୟ ରଖାଯାଇଛି। ସରକାରଙ୍କ ଅନୁମୋଦନ କ୍ରମେ ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷମାନଙ୍କୁ ସଂକଟକାଳୀନ ପାଣ୍ଠିର ପ୍ରକଳ୍ପର ଅନୁମୋଦନ କରିବାର କ୍ଷମତା ପ୍ରଦାନ କରାଯାଇଅଛି । ଏହି ଯୋଜନାର କାର୍ଯ୍ୟକାରିତା ପାଇଁ ଯୋଜନା ଓ ସଂଯୋଜନ ବିଭାଗର ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ୩୦ ଟି ଜିଲ୍ଲାକୁ ୪୨.୦୦ କୋଟି ଟଙ୍କା ଆବଣ୍ଟନ କରାଯାଇଅଛି ।

## ୧୧. ବିଂଶସୂତ୍ରୀ କାର୍ଯ୍ୟକ୍ରମ (Twenty Point Programme)

୧୧.୧ ରାଜ୍ୟ ସରକାର ବିଂଶସୂତ୍ରୀ କାର୍ଯ୍ୟକ୍ରମର ସଫଳ ରୂପାୟନ ଉପରେ ଯଥେଷ୍ଟ ଗୁରୁତ୍ୱାରୋପ କରନ୍ତି। ୨୦୦୬ ମସିହାରେ ସଂଶୋଧିତ ଏହି କାର୍ଯ୍ୟକ୍ରମ ଦରିଦ୍ର ଜନସାଧାରଣଙ୍କର ଜୀବନର ମାନଦଣ୍ଡ ବିକାଶ, ଗ୍ରାମ୍ୟ କର୍ମଯୋଗାଣ, ହରିଜନ ଓ ଆଦିବାସୀମାନଙ୍କର ବିକାଶ, ବାସଗୃହ, ସ୍ୱାସ୍ଥ୍ୟ, କୃଷି , ଜଳସେଚନ, ପାନୀୟ ଜଳଯୋଗାଣ, ଗ୍ରାମ୍ୟରାସ୍ତା ବ୍ୟବସ୍ଥାର ଉନ୍ନତିକରଣ, ଗ୍ରାମ୍ୟ ବିଦ୍ୟୁତୀକରଣ, ଭୂମିହୀନମାନଙ୍କୁ ଜମି ବଣ୍ଟନ, ଖାଦ୍ୟ, ପରିବେଶ ସୁରକ୍ଷା, ଶିଶୁ ଶ୍ରମିକ ଉଚ୍ଛେଦ, ଇ- ଶାସନ ଏବଂ ଅର୍ଥନୈତିକ ଓ ଆୟରେ ଥିବା ଅସଙ୍ଗତି ଦୂରୀକରଣ ଉପରେ ଅଧିକ ଗୁରୁତ୍ୱ ଦେଇଥାଆନ୍ତି । ଅଧିକାଂଶ କାର୍ଯ୍ୟ ପାଇଁ ଥିବା ପୂର୍ବ ନିର୍ଦ୍ଧାରିତ ଲକ୍ଷ୍ୟ ସହ ବିଂଶସୂତ୍ରୀ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଏହି ବିଭାଗ ଏହାର ନିୟମିତ ଏବଂ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥାନ୍ତି । ଏହାଛଡା ଭାରତ ସରକାରଙ୍କ ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ଏହାର ୨୦ ଟି ଗୁରୁତ୍ୱପୂର୍ଣ୍ଣ ବିଷୟରେ ତ୍ରୟମାସିକ ସମୀକ୍ଷା କରିଥାନ୍ତି ।

## ୧୨. ରାଜ୍ୟ ଯୋଜନା ବୋର୍ଡ଼

୧୨.୧ ୨୦୨୦-୨୧ ଆର୍ଥିକ ବର୍ଷରେ ଶ୍ରୀ ସଞ୍ଜୟ କୁମାର ଦାସ ବର୍ମା ରାଜ୍ୟ ଯୋଜନା ବୋର୍ଡ଼ର ଉପାଧ୍ୟକ୍ଷ ଭାବରେ କାର୍ଯ୍ୟ ନିର୍ବାହ କରୁଛନ୍ତି । ରାଜ୍ୟ ଯୋଜନା ବୋର୍ଡର ପୁନର୍ଗଠନ ପାଇଁ ପଦକ୍ଷେପ ନିଆଯାଉଛି ।

## ୧୩. ଦାରିଦ୍ର୍ୟ ଓ ମାନବ ବିକାଶ ନିରୀକ୍ଷଣ ସଂସ୍ଥା (PHDMA)

୧୩.୧ PHDMA ର ଲକ୍ଷ୍ୟ ହେଉଛି ବିଭିନ୍ନ ସମୟାନୁବର୍ତ୍ତିତା ରେ ରାଜ୍ୟର ମାନବ ବିକାଶ ଓ ଦାରିଦ୍ର୍ୟ ର ବିଭିନ୍ନ ସୂଚକାଙ୍କର ମାର୍ଗ ଦର୍ଶନ କରିବା । ଏହା ବିଭିନ୍ନ କାର୍ଯ୍ୟକ୍ରମ ଗୁଡିକର ଅନୁଶୀଳନ କରି ଗରିବ ଓ ଅବହେଳିତ ଲୋକଙ୍କ ଜୀବନ ଶୈଳୀରେ ଉନ୍ନତି ଆଣିବା ଦିଗରେ କାର୍ଯ୍ୟ କରିଥାଏ ଯାହାଦ୍ୱାରା ଦାରିଦ୍ର୍ୟ ହ୍ରାସ ହୋଇପାରିବ ।

## ୧୩.୨ **ମାନବ ବିକାଶ**

PHDMA ମାନବ ବିକାଶ ସମ୍ବନ୍ଧିତ ନିମ୍ନ କାର୍ଯ୍ୟକ୍ରମ କରୁଅଛି:

(କ) 'State and District Profile of Odisha, 2019' ପୁସ୍ତିକା ପ୍ରକାଶିତ ହୋଇଛି । ଏହି ପ୍ରକାଶନରେ ଜନସଂଖ୍ୟା ତତ୍ତ୍ୱ, ଶିକ୍ଷା, ସ୍ୱାସ୍ଥ୍ୟ , କୃଷି, ଜଳ ଓ ପରିମଳ ତଥା ରାଜ୍ୟ ମାନବ ବିକାଶ ସମ୍ବନ୍ଧୀୟ ବିଭିନ୍ନ ସୂଚକାଙ୍କ ସ୍ଥାନ ପାଇଛି ।

(ଖ) ବିଗତ ୨୦ ବର୍ଷର ବିଭିନ୍ନ ବିକାଶ ସୂଚକାଙ୍କ ନେଇ ପ୍ରସ୍ତୁତ ହେବାକୁ ଥିବା Brand Odisha Document ର ପ୍ରସ୍ତୁତି ନିମନ୍ତେ PHDMA, ଯୋଜନା ଓ ସଂଯୋଜନ ବିଭାଗ ସହିତ କାର୍ଯ୍ୟ କରୁଅଛି ।

(ଗ) ଦ୍ୱିତୀୟ ରାଜ୍ୟ ମାନବ ବିକାଶର ଡ୍ରାଫ୍ଟ ରିପୋର୍ଟ NIT, ରାଉରକେଲା ଦ୍ୱାରା ପ୍ରସ୍ତୁତ ହୋଇଛି ଓ ଏହାର ଅନ୍ତିମ ସମୀକ୍ଷା କରାଯାଉଛି ।

(ଘ) କେଁନ୍ଦୁଝର ଜିଲ୍ଲାର ମାନବ ବିକାଶ ରିପୋର୍ଟ PHDMAରେ ପ୍ରସ୍ତୁତ ହୋଇ ଅନ୍ତିମ ସମୀକ୍ଷା ସରି ଛାପିବା ନିମନ୍ତେ ପଦକ୍ଷେପ ନିଆଯାଇଛି ।

୧୩.୩ **ଖାଦ୍ୟ ଓ ପୃଷ୍ଟି ସୁରକ୍ଷା**: "Food & Nutrition Security Atlas & Institutionalization of Food Security Analysis in the Govt. Of Odisha" କାର୍ଯ୍ୟକ୍ରମକୁ World Food Programme (WFP) ସହାୟତାରେ କାର୍ଯ୍ୟକାରୀ କରାଯାଇଛି । ଏହି ଅଧିନରେ 'Report on State of Food Security and Nutrition in Odisha' ପ୍ରକାଶିତ ହୋଇ ବଣ୍ଟନ କରାଯାଇଛି ।

୧୩.୪ **ନୂତନ କାର୍ଯ୍ୟକ୍ରମ** : ବର୍ତ୍ତମାନ PHDMA ରେ ନିମ୍ନ ପ୍ରଦତ୍ତ କାର୍ଯ୍ୟଗୁଡିକୁ କାର୍ଯ୍ୟକାରୀ କରୁଅଛି ।

(a) State Communication Center (SCC) and Training & Resource Center (T & RC):

ଓଡିଶା ଖଣି ନିଗମ ଓ UNICEF ର ମିଳିତ ସହଯୋଗରେ ଏହି ସଂସ୍ଥାଟି PHDMA ର ସଂପ୍ରସାରଣ କାର୍ଯ୍ୟାଳୟ ରୂପେ କାର୍ଯ୍ୟ କରୁଅଛି। ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ଜଡିତ ସଫଳତାର କାହାଣୀ, Case Studies, best practices କୁ documentation କରିବା ଇତ୍ୟାଦି ଏହାର ଉଦ୍ଦେଶ୍ୟ । ଏହା ଅଧୀନରେ ଥିବା କାର୍ଯ୍ୟକ୍ରମ best practices, ସଫଳତାର କାହାଣୀ ବହୁଜନ ବ୍ୟାପକ covid-19 ସମ୍ବନ୍ଧିତ ସରକାରଙ୍କର କାର୍ଯ୍ୟ ଓ ପଦକ୍ଷେପ ର ସୂଚନା ସଂଗ୍ରହ ପାଇଁ ୩୦ଟି ଜିଲ୍ଲା ର DPMU ଓ DRDA ଅଧିକାରୀ ମାନଙ୍କ ପାଇଁ ଢାଞ୍ଚା ପ୍ରସ୍ତୁତ ହୋଇ ପୂର୍ବ ଧାରଣା ଦିଆ ହୋଇଥିଲା ।

(b) Knowledge Management:

ଦକ୍ଷତା ଓ ଅଭିଜ୍ଞତା, ବିଶ୍ଳେଷଣାତ୍ମକ ଅନୁସନ୍ଧାନ କୌଶଳ ଓ ମିଶ୍ରିତ ସାମାଜିକ ଆର୍ଥିକ ଉନ୍ନତି ଦିଗକୁ କରିବା ପାଇଁ ଏହା PHDMA ର ଏକ ସମ୍ମିଳିତ ଯାତ୍ରା । ଏହି ପରିପ୍ରେକ୍ଷୀରେ, ସାତଟି ବୁଝାମଣା ପତ୍ର ପ୍ରତିଷ୍ଠିତ ଶିକ୍ଷା ଓ ଅନୁସନ୍ଧାନ ଭିତ୍ତିକ ଅନୁଷ୍ଠାନ ସହିତ ସ୍ୱାକ୍ଷରିତ କରାଯାଇଛି ।

(c) Voice of PHDMA (VoP):

ସରକାରଙ୍କର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଉପରେ ସଫଳତା କାହାଣୀ, ଢାଞ୍ଚା, ଇତ୍ୟାଦିର ବିବରଣୀ ପଞ୍ଚାୟତ ସ୍ତରରୁ ଜିଲ୍ଲା ପର୍ଯ୍ୟନ୍ତ ସଂଗ୍ରହ କରି PHDMA କୁ ପ୍ରସାରଣ କରିବା ସହିତ SCC and T & RC ରେ ସଂଗ୍ରହ କରାଯାଉଅଛି । ଏହି କାର୍ଯ୍ୟ କୁ ପୁରା କରିବା ନିମନ୍ତେ ୬୯୭୬ ଜଣ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ, ଗ୍ରାମ ପଞ୍ଚାୟତ କର୍ମୀ, ଗ୍ରାମ ରୋଜଗାର ସେବକ, ଅଙ୍ଗନୱାଡି କର୍ମୀଙ୍କୁ 'Voice of PHDMA" ର ପରିଚୟ ପତ୍ର ପ୍ରଦାନ କରାଯାଇଛି ।

**(d) Poverty to Prosperity (P2P):**

ରାଜ୍ୟ ପ୍ରଗତି କୁ କେନ୍ଦ୍ରକରି ସାମାଜିକ ସମ୍ପର୍କ 'ଦାରିଦ୍ର୍ୟରୁ ସମୃଦ୍ଧି' ପର୍ଯ୍ୟବେକ୍ଷିତ ସର୍ବୋତ୍ତମ ଅଭ୍ୟାସ କାର୍ଯ୍ୟକ୍ରମ ଗୁଡିକ ଉପରେ ସୂଚନା ଏକତ୍ର କରି ପ୍ରଚାର କରାଯାଇଛି । ଏହି ପରିପ୍ରେକ୍ଷୀରେ PHDMA ଦୁଇଟି ଦ୍ୱିମାସିକ ସମାଚାର ପତ୍ର ବାହାର କରିବ ।

**(e) Content Management System (CMS):**

ସରକାରଙ୍କର ସମସ୍ତ ଯୋଜନା ଓ କାର୍ଯ୍ୟକ୍ରମ ର ସରକାରୀ କାଗଜକୁ ଗଚ୍ଛିତ ରଖିବା ନିମନ୍ତେ 'Born Digital' ପୁସ୍ତକାଳୟ ଗଠନ DRUPAL ବୃତ୍ତାନ୍ତକୁ ନେଇ ପ୍ରସ୍ତୁତ ଚାଲିଛି। ଏହା ବିଭିନ୍ନ ମୂଲ୍ୟବାନ content, ଗବେଷଣାତ୍ମକ ରିପୋର୍ଟ ଓ ତଥ୍ୟ କୁ ସୁରକ୍ଷିତ ରଖିବା ସହ ବ୍ୟବହାର ଉପଯୋଗୀ ହୋଇପାରିବ।

**(f) Odisha Development Fellow ( O Dev Fellow):**

ଧାରାରେ ସଂହିତା, ଲେଖ୍ୟପତ୍ର, ଜରୁରୀ ଆବଶ୍ୟକତାର ବିଭିନ୍ନ ଉପଯୋଗୀ ଓ ନୂତନ କାର୍ଯ୍ୟକ୍ରମ ଗୁଡିକ ପାଇଁ O Dev Fellow ର ସଂକଳ୍ପନା କରାଯାଇଛି। ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ଆରମ୍ଭର ସୂତ୍ରପାତ ସରକାରଙ୍କର ହେଉ ବା ସହଭାଗିତାରେ ହେଉ ଅନୁଶୀଳନ ମଧ୍ୟ କରିବା ଏହା ମଧ୍ୟ ସାମାଜିକ ପରିବର୍ତ୍ତନ ପାଇଁ ଥିବା କାର୍ଯ୍ୟକ୍ରମ ଗୁଡିକର ପ୍ରଭାବ ବୃଦ୍ଧି କରିପାରିବ।

**(g) High Frequency Monitoring System (HFMS):**

ଗୋଟିଏ ଏକକ ସଂସ୍ପର୍ଶ କେନ୍ଦ୍ର (UCC), J-PAL SA ସହାୟତାରେ କାର୍ଯ୍ୟ କରୁଅଛି । ଏହା ଏକ ସୂଚନା କୌଶଳ ପ୍ରଣାଳୀ ଯଦ୍ୱାରା ସରକାରଙ୍କ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକ୍ରମର ହିତାଧିକାରୀ ମାନଙ୍କର ସନ୍ତୁଷ୍ଟି ବିଷୟରେ ଫୋନ ଦ୍ୱାରା ତଥ୍ୟ ସଂଗ୍ରହ କରି ଅବଗତ କରାଇବ। ଏହା ସୁଧାର ନୀତି ସମୀକ୍ଷା ଓ ଉତ୍ତମ ନିର୍ଣ୍ଣୟ ନେବାରେ ସାହାଯ୍ୟ କରିବ ।

## ୧୪. ନିରନ୍ତର ବିକାଶ ଲକ୍ଷ୍ୟ (ଏସଡ଼ିଜି)

୧୪.୧ ନିରନ୍ତର ବିକାଶ ଲକ୍ଷ୍ୟ (ଏସଡିଜି) ଏକ ବିଶ୍ୱବ୍ୟାପି ରାଜିନାମା ଯାହାର ଉଦ୍ଦେଶ୍ୟ ହେଉଛି ୨୦୩୦ ମସିହା ସୁଦ୍ଧା ସମସ୍ତ ପ୍ରକାର ଦାରିଦ୍ର୍ୟକୁ ସମାପ୍ତ କରିବା, ତଥା ସମାନତା ଆଣିବା ଓ ସମଗ୍ର ବିଶ୍ୱର ଲୋକମାନଙ୍କୁ ସମୃଦ୍ଧ ତଥା ସୁରକ୍ଷିତ କରିବା, ନିରନ୍ତର ବିକାଶ ପାଇଁ ୨୦୩୦ ରାଜିନାମା ର କାର୍ଯ୍ୟାନ୍ୱୟନତା ୧ ଜାନୁୟାରୀ, ୨୦୧୬ରିଖ ଠାରୁ ସମଗ୍ର ବିଶ୍ୱରେ ଆରମ୍ଭ ହୋଇଅଛି ଯେଉଁଥିରେ ୧୭ଟି ଲକ୍ଷ୍ୟ ଓ ୧୬୯ଟି ଅଭୀଷ୍ଟକୁ ଅନ୍ତର୍ଭୁକ୍ତ କରାଯାଇଅଛି । ରାଜ୍ୟରେ ସାମାଜିକ ଓ ଅର୍ଥନୈତିକ ବିକାଶର ନୀତି ଏବଂ କାର୍ଯ୍ୟକ୍ରମ ଗୁଡିକୁ ସିଧାସଳଖ ଭାବେ କାର୍ଯ୍ୟକାରୀ କରାଇବା ନିମନ୍ତେ ଏସଡିଜି ଅଧୀନରେ ଥିବା ୧୭ଟି ଲକ୍ଷ୍ୟ ଓ ୧୬୯ଟି ଅଭୀଷ୍ଟକୁ ଓଡିଶା ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଅଛି । ଏହି ନିରନ୍ତର ବିକାଶ ଲକ୍ଷ୍ୟ ଗୁଡିକୁ ହାସଲ କରିବା ନିମନ୍ତେ ଯୋଜନା ଓ ସଂଯୋଜନ ବିଭାଗକୁ ନୋଡାଲ ବିଭାଗ ଭାବେ ଦାୟିତ୍ୱ ଦିଆଯାଇଅଛି । ଯୋଜନା ଓ ସଂଯୋଜନ ବିଭାଗ ଦ୍ୱାରା ସମ୍ପୃକ୍ତ ବିଭାଗ ମାନଙ୍କର ପରାମର୍ଶରେ ଓଡିଶା ଏସଡିଜି ଇଣ୍ଡିକେଟର ପେପର୍ସ ପ୍ରସ୍ତୁତ କରାଯାଇଅଛି ଯାହାକି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁମୋଦିତ ହୋଇଛି। ଏଥିରେ ୧୦୦ଟି ଆଉଟକମ ଇଣ୍ଡିକେଟର, ୧୪୩ଟି ଆଉଟପୁଟ ଇଣ୍ଡିକେଟର ଓ ୧୨୪ ଟି ପ୍ରୋସେସ ଇଣ୍ଡିକେଟର କୁ ଅନ୍ତର୍ଭୁକ୍ତ କରି ସର୍ବମୋଟ ୩୬୭ ଟି ଇଣ୍ଡିକେଟର ଚିହ୍ନଟ କରାଯାଇଅଛି । ବିଭିନ୍ନ ବିଭାଗରୁ ପ୍ରାପ୍ତ ତଥ୍ୟଉପରେ ଆଧାର କରି ଯୋଜନା ଓ ସଂଯୋଜନ ବିଭାଗ ଦ୍ୱାରା ଏକ "ଏସଡିଜି ବେସଲାଇନ୍ ରିପୋର୍ଟ" ପ୍ରସ୍ତୁତ ହେଉଛି ଯାହା ବିକାଶର ସ୍ତର ଆକଳନ କରିବାରେ ସାହାଯ୍ୟ କରିବ ଏବଂ ଏପର୍ଯ୍ୟନ୍ତ ହାସଲ ହୋଇଥିବା ଅଗ୍ରଗତିର ନିରନ୍ତର ନୀରିକ୍ଷଣରେ ସାହାଯ୍ୟ କରିବ । ଓଡିଶା ନିରନ୍ତର ବିକାଶ ଲକ୍ଷ୍ୟ ଆଧାରିତ ବଜେଟ (SDG Based Budgeting) ଓଡିଶା ସରକାରଙ୍କ ସମସ୍ତ ନୀତି ଏବଂ ପ୍ରକଳ୍ପ ଗୁଡିକୁ ଏସଡିଜି ସୂଚକାଙ୍କ ସହ ସଂଲଗ୍ନ କରି ପ୍ରସ୍ତୁତ କରାଯାଉଅଛି ।

## ୧୫. ଓଡିଶା ଜ୍ଞାନ କ୍ଷେତ୍ର ବକ୍ତୃତା ମାଳା

୧୫.୧ ରାଜ୍ୟ ସରକାର ବିକାଶ ଏବଂ ପ୍ରଶାସନର ବିଭିନ୍ନ ଅଗ୍ରାଧିକାର କ୍ଷେତ୍ରରେ ନୂତନ ଚିନ୍ତାଧାରାକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ "ଓଡିଶା ଜ୍ଞାନ କ୍ଷେତ୍ର ବକ୍ତୃତା ମାଳା" ଆରମ୍ଭ କରିଅଛନ୍ତି। ଏହି କାର୍ଯ୍ୟକ୍ରମରେ ବକ୍ତୃତା ଦେବା ପାଇଁ ଏବଂ ରାଜ୍ୟର ବରିଷ୍ଠ କର୍ମକର୍ତ୍ତାଙ୍କ ସହ ଆଲୋଚନାରେ ଭାଗ ନେବା ପାଇଁ ବିଭିନ୍ନ କ୍ଷେତ୍ରର ପ୍ରବୀଣ ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରାଯିବାର ପରିକଳ୍ପନା କରାଯାଇଛି । ସାମୁହିକ ଜ୍ଞାନ ଓ ଅନୁଭୂତିକୁ ନୂତନ ତଥ୍ୟ ଦ୍ଵାରା ପରିବର୍ଦ୍ଧିତ କରିବା ସହ କାର୍ଯ୍ୟ ବ୍ୟବସ୍ଥାରେ ବିଭିନ୍ନ ବିଷୟରେ ଅବଗତ ରହିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବା ଏହାର ଉଦ୍ଦେଶ୍ୟ ।

୧୫.୨ ଏହି ଓଡିଶା ଜ୍ଞାନ କ୍ଷେତ୍ର ବକ୍ତୃତା ମାଳାର ପ୍ରଥମ ବକ୍ତୃତା ୨୨.୦୧.୨୦୧୬ ରେ ଆରମ୍ଭ ହୋଇଥିଲା । ଅଦ୍ୟାବଧି ଚବିଶିଟି ବକ୍ତୃତା ଆୟୋଜନ ହୋଇଅଛି । ଚଳିତ ୨୦୨୦-୨୧ ଆର୍ଥିକ ବର୍ଷରେ (୩୧.୧୨. ୨୦୨୦ ସୁଦ୍ଧା) ବିଶ୍ୱ ମହାମାରୀ କୋଭିଡ-୧୯ ହେତୁ କୌଣସି ବକ୍ତୃତା ପ୍ରଦାନ କରଯାଇନାହିଁ । ରାଜ୍ୟ ସରକାରଙ୍କର ଏହି ପଦକ୍ଷେପ ଆଗକୁ ଚାଲୁ ରହିବ ।

## ୧୬. ପ୍ରଗତି- (ସକ୍ରିୟ ପ୍ରଶାସନ ଏବଂ ସମୟାନୁବର୍ତ୍ତିକ କାର୍ଯ୍ୟାନ୍ୱୟନ)

୧୬.୧ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ/ ପ୍ରକଳ୍ପ ଗୁଡିକର ତଦାରଖ ନିମିତ୍ତ "ପ୍ରଗତି" ଗୋଟିଏ ମଞ୍ଚ ଯାହା ମାଧ୍ୟମରେ ଭାରତର ମାନନୀୟ ପ୍ରଧାନମନ୍ତ୍ରୀ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କ ସହିତ ଭିଡିଓ କନଫରେନସିଙ୍ଗ ଜରିଆରେ ଆଲୋଚନା କରୁଛନ୍ତି। ଏହାର ଆରମ୍ଭ ଦିନ ୨୫.୩.୨୦୧୫ ଠାରୁ ଅଦ୍ୟାବଧି ଓଡିଶା ରାଜ୍ୟ ସମ୍ବନ୍ଧୀୟ ୩୨ଟି କେନ୍ଦ୍ରୀୟ ପ୍ରକଳ୍ପ, ୪ଟି ରାଜ୍ୟ ପ୍ରକଳ୍ପ, ୬୬ଟି ପ୍ରୋଗ୍ରାମ୍ ଏବଂ ୪ଟି ଅଭିଯୋଗ ଦୂରୀକରଣ ବିଷୟରେ ମାନନୀୟ ପ୍ରଧାନମନ୍ତ୍ରୀ ସମୀକ୍ଷା କରିଛନ୍ତି । ୨୦୨୦-୨୧ ଆର୍ଥିକ ବର୍ଷରେ (୩୧.୧୨.୨୦୨୦ ପର୍ଯ୍ୟନ୍ତ) ୨ ଗୋଟି ଭିଡିଓ କନଫରେନସିଙ୍ଗ କରାଯାଇଥିଲା । ଏଥିରେ ଗୋଟିଏ କେନ୍ଦ୍ରୀୟ ପ୍ରକଳ୍ପ, ୫ଟି ବିଭିନ୍ନ କାର୍ଯ୍ୟକ୍ରମ ଏବଂ ୪ ଗୋଟି ଅଭିଯୋଗ ଦୂରୀକରଣ ସମ୍ବନ୍ଧରେ ସମୀକ୍ଷା କରାଯାଇଛି । ଏହି ସମୀକ୍ଷା ଦ୍ୱାରା କାର୍ଯ୍ୟକ୍ରମଗୁଡିକର ସମ୍ପାଦନ ତ୍ୱରାନ୍ୱିତ ହୋଇପାରୁଛି ।

## ଇ-ସମୀକ୍ଷା

୧୬.୨ ଇ-ସମୀକ୍ଷା ଏକ ସମୟ ଭିତ୍ତିକ ଅନଲାଇନ ବ୍ୟବସ୍ଥା ଯେଉଥିରେ ଭାରତ ସରକାରଙ୍କ କ୍ୟାବିନେଟ ସେକ୍ରେଟାରୀଏଟ ଦ୍ୱାରା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ/ ପ୍ରକଳ୍ପ ତତସହିତ PRAGATI ଅନ୍ତର୍ଗତ ପ୍ରକଳ୍ପଗୁଡିକର ପର୍ଯ୍ୟବେକ୍ଷଣ କରାଯାଇଥାଏ । ସମ୍ପୃକ୍ତ ମନ୍ତ୍ରଣାଳୟ/ ବିଭାଗ/ ସଂସ୍ଥା ଗୁଡିକ ଦ୍ୱାରା ସଂପୃକ୍ତ କାର୍ଯ୍ୟକ୍ରମ ଗୁଡିକର ସର୍ବଶେଷ ତଥ୍ୟ ସଂଗ୍ରହ କରାଯାଇ ସମର୍ପିତ ପୋର୍ଟାଲ ରେ ସ୍ଥାନିତ କରାଯାଇଥାଏ । ନିୟମିତ ବ୍ୟବଧାନରେ  କେନ୍ଦ୍ର ଶାସନ ସଚିବ (ସମନ୍ୱୟ), କେନ୍ଦ୍ର କ୍ୟାବିନେଟ ସେକ୍ରେଟାରୀଏଟ ଏବଂ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ CCI-PMG ବୈଠକରେ ସେଗୁଡିକର ତଦାରଖ କରାଯାଇଥାଏ । ଏତଦ ବ୍ୟତୀତ ବିଭିନ୍ନ  କାର୍ଯ୍ୟକ୍ରମ/ ପ୍ରକଳ୍ପ ଗୁଡିକର ବିଷୟରେ ସମ୍ପୃକ୍ତ ବିଭାଗ ମାନଙ୍କର ସୂଚନାକୁ ଲଗାତର ଭାବେ ମନିଟର କରି ଇ-ସମୀକ୍ଷା ପୋର୍ଟାଲ ରେ ଷ୍ଟାଟସ ଅପଡେଟ କରାଯାଇଥାଏ ।

## ମୁଖ୍ୟ ଶାସନ ସଚିବଙ୍କ ଜିଲାପାଳମାନଙ୍କ ସହ ଭିଡିଓ କନଫରେନ୍ସ

୧୬.୩ ମୁଖ୍ୟ ଶାସନ ସଚିବ ମାସିକ ଭିତ୍ତିରେ ଜିଲ୍ଲାପାଳମାନଙ୍କ ସହ ବିଭିନ୍ନ ମୁଖ୍ୟ ବିଷୟରେ ଭିଡିଓ କନଫରେନ୍ସ ଜରିଆରେ ଆଲୋଚନା କରନ୍ତି । ୨୦୨୦-୨୧ ଆର୍ଥିକ ବର୍ଷରେ (୩୧.୧୨.୨୦୧୯ ପର୍ଯ୍ୟନ୍ତ) ୧୩ଟି ବିଭାଗର ୪୨ ଗୋଟି ବିଷୟ ଉପରେ ଆଲୋଚନା କରାଯାଇଛି ଏବଂ ଏହାର ସମାଧାନ କରାଯାଇଛି ।

## ୧୭. ଅଭିନବୀକରଣ ସେଲ (Innovation Cell)

୧୭.୧ ଜାନୁୟାରୀ ୨୦୧୪ ରେ ଗଠିତ ଓଡିଶା ରାଜ୍ୟ ଅଭିନବୀକରଣ ପରିଷଦକୁ ଆବଶ୍ୟକୀୟ ସହାୟତା ଯୋଗାଇଦେବା ପାଇଁ ଅଭିନବୀକରଣ ସେଲ ଗଠନ କରଯାଇଥିଲା। ରାଜ୍ୟରେ ଇନୋଭେସନ ଇକୋ ସିଷ୍ଟମ ଡେଭେଲପ କରିବା ପାଇଁ ୨୦୧୫-୧୬ ରୁ ଅଭିନବୀକରଣ ସେଲର କାର୍ଯ୍ୟକ୍ରମ ଆରମ୍ଭ ହୋଇଅଛି । ୨୦୨୦-୨୧ ରେ ନିମ୍ନଲିଖିତ କାର୍ଯ୍ୟକ୍ରମ ଗୁଡିକୁ ସମ୍ପାଦନ କରାଯାଇଛି ।

୧୭.୨ ଅଭିନବୀକରଣ ପରିକଳ୍ପନା ଅନ୍ତର୍ଗତ ଚାରି ଗୋଟି ଉପପ୍ରକଳ୍ପ ପାଇଁ ଆବେଦନ ପତ୍ର ଆମନ୍ତ୍ରଣ କରାଯାଇ ପ୍ରକଳ୍ପ ଗୁଡିକୁ ଯାଞ୍ଚ କରାଯାଉଛି। ନିମ୍ନଲିଖିତ ମୁଖ୍ୟ କାର୍ଯ୍ୟକ୍ରମଗୁଡିକ ଉକ୍ତ ପ୍ରକୋଷ୍ଠ ଦ୍ୱାରା ପରିଚାଳିତ ହୋଇଅଛି।

୧୭.୩ ସମ୍ଭାବ୍ୟତା ଅଧ୍ୟୟନ କୁ ଅନ୍ତର୍ଭୁକ୍ତ କରି ପ୍ରୋତ୍ସାହନମୂଳକ କାର୍ଯ୍ୟକଳାପ ଏବଂ ୧୩ ଜଣ ବିଜେତା ଙ୍କୁ ତାଙ୍କ ସଫଳତା ପାଇଁ ଅଭିନବୀକରଣ କ୍ଷେତ୍ରରେ ନଗଦ ପୁରସ୍କାର ଦେଇ ସମ୍ମାନିତ କରାଯାଇଅଛି ।

୧୭.୪ "ଅଭିନବ ଚିନ୍ତାଧାରା " ଏବଂ "ସଫଳ ପ୍ରମାଣିତ ହୋଇଥିବା ଅଭିନବ ଚିନ୍ତାଧାରା / କଳ୍ପନା/ ପ୍ରକଳ୍ପ- ୨୦୧୭-୧୮" ଆଦି ରୂପରେ ୭ ଜଣ ବିଜେତାଙ୍କୁ ଅଭିନବୀକରଣ କ୍ଷେତ୍ରରେ ପୁରସ୍କୃତ କରାଯାଇଅଛି ।

କ) ଅଭିନବ ଚିନ୍ତାଧାରା କ୍ଷେତ୍ରରେ ୪ ଜଣ ବିଜେତାଙ୍କୁ ପରିବେଶ ପରିଚାଳନା, ଇଞ୍ଜିନିୟରିଂ ଓ ଡିଜାଇନ୍/ ଆଇସିଟି- ହାର୍ଡୱେୟର ଓ ସଫ୍ଟୱେୟର ଏବଂ ପ୍ରାକୃତିକ ଉତ୍ସ ପରିଚାଳନା ବିଭାଗରେ ପୁରସ୍କୃତ କରାଯାଇଅଛି ।

ଖ) ସଫଳ ପ୍ରମାଣିତ ହୋଇଥିବା ଅଭିନବ ଚିନ୍ତାଧାରା/ କଳ୍ପନା / ପ୍ରକଳ୍ପ କ୍ଷେତ୍ରରେ ୩ ଜଣ ବିଜେତାଙ୍କୁ ଆଇସିଟି- ହାର୍ଡୱେୟର ଓ ସଫ୍ଟୱେୟର/ ପରିଚାଳନା ଉପକରଣ କିମ୍ବା ମଡେଲ୍ ଏବଂ ଇଞ୍ଜିନିୟରିଂ ଓ ଡିଜାଇନ୍ ବିଭାଗରେ ପୁରସ୍କୃତ କରାଯାଇଅଛି ।

୧୭.୫ "ଅଭିନବ ଚିନ୍ତାଧାରା " ଏବଂ "ସଫଳ ପ୍ରମାଣିତ ହୋଇଥିବା ଅଭିନବ ଚିନ୍ତାଧାରା / କଳ୍ପନା/ ପ୍ରକଳ୍ପ- ୨୦୧୮-୧୯" ଆଦି ରୂପରେ ୬ ଜଣ ବିଜେତାଙ୍କୁ ଅଭିନବୀକରଣ କ୍ଷେତ୍ରରେ ପୁରସ୍କୃତ କରାଯାଇଅଛି ।

କ) ଅଭିନବ ଚିନ୍ତାଧାରା କ୍ଷେତ୍ରରେ ୪ ଜଣ ବିଜେତାଙ୍କୁ ଇଞ୍ଜିନିୟରିଂ ଓ ଡିଜାଇନ୍ ଏବଂ ସହରୀବିକାଶ/ ପରିଚାଳନା (ଏମଏସଡବ୍ଲୁ)/ ଗ୍ରାମୀଣ ବିକାଶ ବିଭାଗରେ ପୁରସ୍କୃତ କରାଯାଇଅଛି ।

ଖ) ସଫଳ ପ୍ରମାଣିତ ହୋଇଥିବା ଅଭିନବ ଚିନ୍ତାଧାରା/କଳ୍ପନା /ପ୍ରକଳ୍ପ କ୍ଷେତ୍ରରେ ୨ ଜଣ ବିଜେତାଙ୍କୁ ଗ୍ରାମୀଣ ବିକାଶ/ ପରିଚାଳନା [ମୁନସିପାଲ ସଲିଡ ୱେଷ୍ଟ (ଏମଏସଡବ୍ଲୁ) ସ୍ୱରେଜ ପରିଚାଳନା] ଏବଂ ସ୍ୱାସ୍ଥ୍ୟ ବିଭାଗରେ ପୁରସ୍କୃତ କରାଯାଇଅଛି ।

## ୧୮. ଡ଼ିଏମଏଫ ସପୋର୍ଟ ସେଲ

## ଡ଼ିଏମଏଫ ସପୋର୍ଟ ସେଲ ଅଧୀନରେ କାର୍ଯ୍ୟକଳାପ

୧୮.୧ ଓଡିଶାର ସମସ୍ତ ଜିଲ୍ଲାରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପ୍ରତିଷ୍ଠା କରାଯାଇଅଛି। ସାଧାରଣ ନିର୍ବାଚନ/ ବିଧାନସଭା ନିର୍ବାଚନ ପରେ ସମସ୍ତ ଜିଲ୍ଲାରେ ଡିଏମ୍‌ଏଫ୍ ଟ୍ରଷ୍ଟ ବୋର୍ଡ ପୁନର୍ଗଠନ କରାଯାଇଅଛି । ସମସ୍ତ ଜିଲ୍ଲା ଡିଏମ୍‌ଏଫ୍ ଟ୍ରଷ୍ଟ ଗୁଡ଼ିକ Indian Trust Act, 1882 ଅନୁଯାୟୀ ପଞ୍ଜିକୃତ ହୋଇସାରିଛି। ରାଜ୍ୟର ସମୁଦାୟ DMF ପାଣ୍ଠିର ସିଂହଭାଗ ଗୁରୁ ଖଣିଜ ସମ୍ପଦ ଜିଲ୍ଲା ଯଥା ଅନୁଗୁଳ, ଯାଜପୁର, ଝାରସୁଗୁଡା, କେଉଁଝର, ସୁନ୍ଦରଗଡ, କୋରାପୁଟ, ରାୟଗଡା ଏବଂ ମୟୂରଭଞ୍ଜରୁ ସଂଗୃହିତ ହୋଇଅଛି (ସମୁଦାୟ ସଂଗୃହିତ ଅର୍ଥର ୯୯%), ଯାହା ଖଣି ସମ୍ବନ୍ଧୀୟ କାର୍ଯ୍ୟ ଦ୍ୱାରା ପ୍ରଭାବିତ ବ୍ୟକ୍ତି ଏବଂ ଅଞ୍ଚଳର ଉନ୍ନତିମୂଳକ କାର୍ଯ୍ୟ/ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ବ୍ୟବହୃତ ହୁଏ ।

୧୮.୨ ଡିଏମ୍‌ଏଫ୍ ଅଧୀନରେ ଗ୍ରହଣୀୟ ପ୍ରକଳ୍ପଗୁଡ଼ିକମଧ୍ୟରେ ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ ସେବା, ପରିବେଶ ସଂରକ୍ଷଣ ଏବଂ ପ୍ରଦୂଷଣ ନିୟନ୍ତ୍ରଣ, ପରିମଳ, ମହିଳା ଏବଂ ଶିଶୁଙ୍କ କଲ୍ୟାଣ, ଦକ୍ଷତା ବିକାଶ, ଗୃହ, ଜୀବିକା କାର୍ଯ୍ୟକ୍ରମ ଏବଂ ସଡ଼କ ସଂଯୋଗ ଭଳି ଉଚ୍ଚ ଅଗ୍ରାଧିକାର କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ। ସେହିଭଳି ଅନ୍ୟାନ୍ୟ ଅଗ୍ରାଧିକାର (Other Priority) ଅନ୍ତର୍ଗତ କାର୍ଯ୍ୟକଳାପରେ ସଡକ, ଜଳସେଚନ ଏବଂ ଶକ୍ତି, ଜଳସେଚନ ବିକାଶ ଏବଂ ବୃକ୍ଷରୋପଣ ଭଳି ଭିତ୍ତିଭୂମି ସମ୍ବନ୍ଧୀୟ ପ୍ରକଳ୍ପ ଅନ୍ତର୍ଭୁକ୍ତ ।

୧୮.୩ ଡିସେମ୍ବର, ୨୦୨୦ ପର୍ଯ୍ୟନ୍ତ ଡିଏମ୍‌ଏଫରେ ସମୁଦାୟ ୧୧୭୩୧.୫୨ କୋଟି ଟଙ୍କା ସଂଗୃହିତ ହୋଇଛି । ସେଥିମଧ୍ୟରୁ ୧୨୭୭୮.୩୫ କୋଟି ଟଙ୍କା ୧୯୧୧୪ ଟି ପ୍ରକଳ୍ପ ପାଇଁ ଅନୁମୋଦନ କରାଯାଇଛି। ଅନୁମୋଦିତ ଅର୍ଥ ରୁ ୫୧୫୯.୯୨ କୋଟି ଟଙ୍କା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମରେ ଖର୍ଚ୍ଚ ହୋଇଛି। ଉଚ୍ଚ ଅଗ୍ରାଧିକାର କ୍ଷେତ୍ର ରେ ୯୧୭୩.୬୫

କୋଟି ଟଙ୍କା ୧୧୭୯୬ ଟି ପ୍ରକଳ୍ପ ପାଇଁ ଅନୁମୋଦନ କରାଯାଇଛି । ସେହିପରି ଅନ୍ୟାନ୍ୟ ଅଗ୍ରାଧିକାର କ୍ଷେତ୍ରରେ ୭୩୦୩ ଟି ପ୍ରକଳ୍ପ ପାଇଁ ୩୫୪୪.୭୭ କୋଟି ଟଙ୍କା ଅନୁମୋଦନ କରାଯାଇଛି । ଅଦ୍ୟାବଧି ଉଚ୍ଚ ଅଗ୍ରାଧିକାର କ୍ଷେତ୍ରରେ ୩୬୬୦.୬୮ କୋଟି ଟଙ୍କା ଏବଂ ଅନ୍ୟାନ୍ୟ ଅଗ୍ରାଧିକାର କ୍ଷେତ୍ର ରେ ୧୪୪୧.୭୧ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଛି। ପ୍ରଶାସନିକ କାର୍ଯ୍ୟକଳାପ ପାଇଁ ମୋଟ ୫୭.୫୩ କୋଟି ଟଙ୍କା ବ୍ୟୟ ହୋଇଅଛି । ୩୧ ମାର୍ଚ୍ଚ, ୨୦୨୦ ସୁଦ୍ଧା ମୋଟ ଡିଏମ୍ଏଫ୍ ପାଣ୍ଠିର ୩୪.୬୦% ବ୍ୟୟ ହୋଇଥିଲା ଯାହା ୩୧ଡିସେମ୍ବର, ୨୦୨୦ ସୁଦ୍ଧା ୪୩.୯୮ % କୁ ବୃଦ୍ଧି ପାଇଛି। ସାମଗ୍ରିକ ଭାବରେ କହିବାକୁ ଗଲେ, ଏପ୍ରିଲ୍-୨୦୨୦ ମଧ୍ୟରେ DMF ରୁ ହୋଇଥିବା ଖର୍ଚ୍ଚ ର ପରିମାଣ ମୋଟ ୧୭୦୪.୮୦ କୋଟି ଟଙ୍କା ଅଟେ ।

୧୮.୪ ଡିଏମ୍ଏଫ୍ ପାଣ୍ଠିକୁ ଆୟକର ମୁକ୍ତ କରିବା ଉଦ୍ଦେଶ୍ୟରେ ୨୯ ଟି ଜିଲ୍ଲାର PAN ପ୍ରାପ୍ତ କରାଯାଇଛି । ଡିଏମ୍ଏଫ୍ ପାଣ୍ଠିକୁ ଆୟକର ମୁକ୍ତ କରିବା ପାଇଁ ଆୟକର ନିୟମର ଧାରା 10 (46)ରେ ଜିଲ୍ଲାଗୁଡିକର ବିଜ୍ଞପ୍ତିକୁ ପ୍ରକାଶ କରିବାକୁ ଖଣି ମନ୍ତ୍ରଣାଳୟ, ଭାରତ ସରକାରଙ୍କୁ ମଧ୍ୟ ଉକ୍ତ ସୂଚନା ପ୍ରଦାନ କରାଯାଇଛି ।

୧୮.୫ MGNREGS କାର୍ଯ୍ୟରେ ଅନୁଗୁଳ, ଯାଜପୁର, ଝାରସୁଗୁଡା, କେଉଂଝର, ସୁନ୍ଦରଗଡ ଏବଂ ମୟୂରଭଞ୍ଜରେ ନିୟୋଜିତ ଅଣକୁଶଳୀୟ ଶ୍ରମିକମାନଙ୍କୁ L & ESI ବିଭାଗଦ୍ୱାରା ସ୍ଥିରିକୃତ ସର୍ବନିମ୍ନ ମଜୁରୀ ପ୍ରଦାନ କରିବା ନିମନ୍ତେ ଆବଶ୍ୟକ ଅତିରିକ୍ତ ପାଣ୍ଠି DMFରୁ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ପ୍ରଦାନ କରାଯାଇଛି ।

୧୮.୬ ସଂଶୋଧିତ ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନା (PMKKKY) ଅନୁଯାୟୀ ଗୁରୁ ଖଣିଜ ସମ୍ପଦ ଜିଲ୍ଲାରେ ମେଡିକାଲ ଭିତ୍ତିଭୂମି, ଯନ୍ତ୍ରପାତି ଏବଂ ଅନ୍ୟାନ୍ୟ ଉପଯୋଗୀ ସାମଗ୍ରୀ ଯୋଗାଇବା ପାଇଁ ଡିଏମଏଫ ପାଣ୍ଠି ବ୍ୟବହାର କରାଯାଇଅଛି ।

୧୮.୭ DMF Portal କାର୍ଯ୍ୟକାରୀ କରିବା ପାଇଁ ଚୂଡାନ୍ତ RFP ଅର୍ଥ ବିଭାଗ ଏବଂ ଯୋଜନା ଏବଂ ସଂଯୋଜନ ବିଭାଗ ଦ୍ୱାରା ଅନୁମୋଦିତ ହୋଇସାରିଛି। OCAC କୁ bid ପ୍ରକ୍ରିୟା ପରିଚାଳନା ର ଦାୟିତ୍ୱ ପ୍ରଦାନ କରାଯାଇଛି। DMF Portalର ଡିଜାଇନ୍ ଏବଂ

ବିକାଶ ପାଇଁ ଏକ System Implementer ଚୟନ କରିବା ପାଇଁ OCAC, ୧୧ ଜାନୁଆରୀ ୨୦୨୧ରେ bid ପ୍ରକାଶ କରିଛି ।

୧୮.୮ A & FE ବିଭାଗ, F & ARD ବିଭାଗ, OLM ଏବଂ SD & TE ବିଭାଗ ସହିତ ସଂଯୋଜନ ମାଧ୍ୟମରେ ଜୀବିକା ଏବଂ ଦକ୍ଷତା ବିକାଶ ପ୍ରକଳ୍ପ ବୃଦ୍ଧି ପାଇଁ ପଦକ୍ଷେପ ନିଆଯାଉଛି। ପଶୁସମ୍ପଦ ବିକାଶ ନିର୍ଦ୍ଦେଶାଳୟର ୯୮.୩୯ କୋଟି ଟଙ୍କା ଏବଂ ମୃତ୍ତିକା ସଂରକ୍ଷଣ ଏବଂ ଜଳସମ୍ପଦ ବିକାଶ ନିର୍ଦ୍ଦେଶାଳୟର ୧୬୦.୧୬ କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପର ତାଲିକା ଗୁରୁ ଖଣିଜ ସମ୍ପଦ ଜିଲ୍ଲାମାନଙ୍କୁ ପଠାଇ ଦିଆଯାଇଛି ଏବଂ ଉକ୍ତ ପ୍ରକଳ୍ପ ଗୁଡିକୁ ଟ୍ରଷ୍ଟ ବୋର୍ଡରେ ଅନୁମୋଦନ ପାଇବା ପରେ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

୧୮.୯ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡିଏମଏଫ ପ୍ରକଳ୍ପ ଗୁଡିକର ଅଗ୍ରଗତିର ସମୀକ୍ଷା ପାଇଁ ୬ ଫେବୃଆରୀ, ୨୦୨୦ ରେ କେଉଂଝର ଜିଲ୍ଲା ପରିଦର୍ଶନ କରିଥିଲେ । ୮ଟି ଗୁରୁ ଖଣିଜ ସମ୍ପଦ ଜିଲ୍ଲାମାନଙ୍କ ସହ ୨୩ ସେପ୍ଟେମ୍ବର, ୨୦୨୦ ରେ Video Conference ମାଧ୍ୟମରେ ଡିଏମ୍ଏଫ୍ ଅଧୀନରେ ହେଉଥିବା ଖର୍ଚ୍ଚର ଅଗ୍ରଗତିର ସମୀକ୍ଷା କରିଥିଲେ ।

୧୮.୧୦ DMFର ଆର୍ଥିକ ସହାୟତା ମାଧ୍ୟମରେ Inclusive Growth Dividend (IGT) କାର୍ଯ୍ୟକ୍ରମ ଏବଂ OMBADCର ଆର୍ଥିକ ସହାୟତାରେ Targeting Hardcore Poor (THP) କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ J-PALSA ସହିତ Video Conferencing ମାଧ୍ୟମରେ ବୈଠକ କରାଯାଇଥିଲା । ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ୯ ଡିସେମ୍ବର, ୨୦୨୦ ରେ ମଧ୍ୟ J-PALSA ଏବଂ Collector ମାନଙ୍କ ସହ Video Conferencing ମାଧ୍ୟମରେ ବୈଠକ ଅନୁଷ୍ଠିତ ହୋଇଥିଲା ।

୧୮.୧୧ ଓଡିଶାରେ DMF ପାଣ୍ଠିର ବ୍ୟବହାର କରି ଜୀବିକା ନିର୍ବାହ କାର୍ଯ୍ୟକଳାପ ସମ୍ପର୍କିତ କାର୍ଯ୍ୟକ୍ରମ କରିବା ପାଇଁ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ୨୧ ଡିସେମ୍ବର, ୨୦୨୦ ରେ PRADAN- NGO ସହିତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ।

୧୮.୧୨ ଯୋଜନା ଓ ସଂଯୋଜନ ବିଭାଗର DMF Cellରେ ନିୟୋଜିତ PMUର ସେବା ୩୧ ଜୁଲାଇ, ୨୦୨୦ ଠାରୁ ସମାପ୍ତ ହୋଇଥିଲା ଏବଂ PMUରେ କାର୍ଯ୍ୟ କରୁଥିବା ତିନିଜଣ ବିଶେଷଜ୍ଞଙ୍କୁ ବ୍ୟକ୍ତିଗତ ପରାମର୍ଶଦାତା ଭାବରେ ୩ ନଭେମ୍ବର, ୨୦୨୦ ରେ କାର୍ଯ୍ୟରେ ଯୋଗ ଦେଇଥିଲେ ।

## ୧୮.୧୩ ଆର୍ଥିକ ବର୍ଷ ୨୦୨୧-୨୦୨୨ ପାଇଁ ପ୍ରସ୍ତାବିତ କାର୍ଯ୍ୟକଳାପ

- ପ୍ରକଳ୍ପର ନିୟମିତ ମନିଟରିଂ କରି DMF ପାଣ୍ଠିରୁ ବ୍ୟୟ ବୃଦ୍ଧି କରିବା ।
- ଖଣି ପ୍ରଭାବିତ ଅଞ୍ଚଳର ଲୋକଙ୍କ ଜୀବନଧାରଣ ମାନବୃଦ୍ଧି ପାଇଁ ଅଧିକ ସଂଖ୍ୟକ ଜୀବିକା ଏବଂ ଦକ୍ଷତା ବିକାଶ ସମ୍ବନ୍ଧୀୟ ପ୍ରକଳ୍ପ ଗ୍ରହଣ କରିବା ।
- DMF ପାଣ୍ଠିର ହିସାବ ଯଥା ଏହାର ସଂଗ୍ରହ ବ୍ୟୟ ଏବଂ ODMF ନିୟମ, ୨୦୧୫ ରେ ଧାର୍ଯ୍ୟ ହୋଇଥିବା ଅନ୍ୟାନ୍ୟ ବୈଶିଷ୍ଟ୍ୟ ବିଷୟରେ ସୂଚନା ଯୋଗାଉ ଥିବା ଏକ ଡ୍ୟାସ୍ ବୋର୍ଡ DMF Portal ମାଧ୍ୟମରେ ପ୍ରତିଷ୍ଠା ।
- କେଉଂଝର ଏବଂ ସୁନ୍ଦରଗଡରେ କାର୍ଯ୍ୟକାରୀ ହେବାକୁ Inclusive Growth Dividend (IGD) ପ୍ରୋଗ୍ରାମ ପାଇଁ J-PALSA ସହିତ ଯୋଗାଯୋଗ ।
- ଜୀବିକା କ୍ଷେତ୍ରରେ ଅଣସରକାରୀ ସଂସ୍ଥା PRADANର ଅନୁଭୂତିର ଛାୟାରେ ଓଡ଼ିଶାରେ ଜୀବିକା ପ୍ରକଳ୍ପ କାର୍ଯ୍ୟକାରୀ କରିବା ।
- ଓଡ଼ିଶାର ବାକି ଜିଲ୍ଲା ମାନଙ୍କର DMF ପାଣ୍ଠିକୁ ଆୟକର ମୁକ୍ତ କରିବା ପାଇଁ ଆୟକର ନିୟମର ଧାରା ୧୦ (୪୬) ରେ ବିଜ୍ଞପ୍ତି ପ୍ରକାଶ କରିବା ପାଇଁ ଖଣି ମନ୍ତ୍ରଣାଳୟ, ଭାରତ ସରକାରଙ୍କ ସହିତ ଯୋଗାଯୋଗ କରିବା ।
- ପ୍ରତ୍ୟେକ ଜିଲ୍ଲା DMFର ପାଣ୍ଠି ଆବଣ୍ଟନକୁ ସଂଗୃହିତ ପାଣ୍ଠିର ୨-୩ ଗୁଣାକୁ ବୃଦ୍ଧି କରିବା ।
- ୨୦୧୯-୨୦ ପର୍ଯ୍ୟନ୍ତ ବାର୍ଷିକ ଏବଂ ଅଡିଟ୍ ରିପୋର୍ଟକୁ ଅପଡେଟ୍ କରିବା ଏବଂ ବିଧାନସଭାରେ ପେଶ କରିବା ।



ପାନୀୟ ଜଳ ଯୋଗାଣ, ଅନୁଗୁଳ



ବୃଦ୍ଧାଶ୍ରମ, ଅନୁଗୁଳ



ଅଙ୍ଗନ ୱାଡି କେନ୍ଦ୍ର, ଯାଜପୁର



ମୋବାଇଲ ମେଡିକାଲ ଭେନ, ଝାରସୁଗୁଡା



ଡିଜିଟାଲ ଡିସପେନସାରି, କେଉଁଝର



ମେଡିକାଲ କଲେଜ, କେଉଁଝର



ମମତାଘର, କେଉଁଝର



ଆବାସିୟ ପରିଯୋଜନା, ମାଙ୍କିଡିଆ କଲୋନି, ଯାଜପୁର



ମାଗଣା ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ଝାରସୁଗୁଡା



ଦିବ୍ୟାଙ୍ଗ ମାନଙ୍କୁ ମାଗଣା tri-cycle ବିତରଣ



ପାଇପ ଲାଇନ ସହାୟତାରେ ପାନୀୟ ଜଳ ଯୋଗାଣ, କେଉଁଝର



ମା ଗୃହ, ସୁନ୍ଦରଗଡ



ସୌର ଶକ୍ତି ସାହାଯ୍ୟରେ ରାସ୍ତାର ଅଲୋକୀ କରଣ, ସୁନ୍ଦରଗଡ



ସରଫଗଡ ଇକୋ-ଟୁରିଜିମ୍, ସୁନ୍ଦରଗଡ



ଉଠା ଜଳସେଚନ ବ୍ୟବସ୍ଥା, ଅନୁଗୁଳ

## ୧୯. ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର(ଏନ୍.ସି.ଡି.ଏସ୍), ଭୁବନେଶ୍ୱର

୧୯.୧ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର ସମାଜ ବିଜ୍ଞାନ ଉପରେ ଗବେଷଣା କରାଯାଉଥିବା ଏକ ଅନୁଷ୍ଠାନ ଅଟେ । ଏହା ୧୯୬୦ ମସିହା ସମିତି ପଞ୍ଜିକରଣ ଅଧିନିୟମ ଅନୁଯାୟୀ ପଞ୍ଜିକୃତ ଏବଂ ଏହା ୧୯୮୭ ମସିହା ମାର୍ଚ୍ଚ ମାସରେ ଭୁବନେଶ୍ୱରସ୍ଥିତ ଚନ୍ଦ୍ରଶେଖରପୁର ଅଂଚଳରେ ପ୍ରତିଷ୍ଠିତ ହୋଇଅଛି । ପ୍ରାରମ୍ଭରୁ ଏହା ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ 'ଭାରତୀୟ ସମାଜ ବିଜ୍ଞାନ ଗବେଷଣା ପରିଷଦ' (ଆଇ.ସି .ଏସ.ଏସ.ଆର) ଓ ଓଡିଶା ସରକାରଙ୍କ ଦ୍ୱାରା ପାଣ୍ଠିପ୍ରାପ୍ତ ହୋଇ ପରିଚାଳିତ ହୋଇ ଆସୁଅଛି । ଏହି ଅନୁଷ୍ଠାନଟି ପ୍ରତିଷ୍ଠା ହେବା ଦିନଠାରୁ ୨୦୧୯ ମସିହା ନଭେମ୍ବର ମାସ ପର୍ଯ୍ୟନ୍ତ ସରକାରଙ୍କର ଉଚ୍ଚ ଶିକ୍ଷା ବିଭାଗର ପ୍ରସାଶନିକ ନିୟନ୍ତଣରେ ରହିଥିଲା ଏବଂ ଏହା ପରଠାରୁ ଅନୁଷ୍ଠାନଟି ଯୋଜନା ଏବଂ

ସଂଯୋଜନ ବିଭାଗର ପ୍ରସାଶନିକ ନିୟନ୍ତ୍ରଣରେ କାର୍ଯ୍ୟ କରୁଅଛି । ଏହା ମୁଖ୍ୟତଃ ସାମାଜିକ ଏବଂ ଅର୍ଥନୈତିକ ସମସ୍ୟା ଉପର ଗବେଷଣା କରିବା ସଂଗେ ସଂଗେ ଓଡିଶା ସରକାରଙ୍କ ପାଇଁ ନୀତି ନିର୍ଦ୍ଧାରଣ କରିବା କ୍ଷେତ୍ରରେ ଏକମାତ୍ର ଅନୁଷ୍ଠାନ ଅଟେ । ଏହା ଓଡିଶା ସରକାରଙ୍କ ଦ୍ୱାରା ଗଠିତ ଏକ 'ଶାସକ ମଣ୍ଡଳୀ' ବା ବୋର୍ଡ ଅଫ୍ ଗଭର୍ଣ୍ଣରସ୍‌ଙ୍କ ଦ୍ୱାରା ପରିଚାଳିତ ହୋଇଥାଏ, ଯେଉଁଥିରେ କି, ବିଶିଷ୍ଟ ଶିକ୍ଷାବିତ୍ , ସରକାରୀ ପ୍ରସାଶକ ଏବଂ ଓଡିଶା ସରକାର ତଥା ଭାରତୀୟ ସମାଜ ବିଜ୍ଞାନ ଗବେଷଣା ପରିଷଦ ଦ୍ୱାରା ମନୋନୀତ ହୋଇଥିବା ସଭ୍ୟମାନେ ମଧ୍ୟ ସ୍ଥାନିତ ହୋଇଥାନ୍ତି । ଏହି ଅନୁଷ୍ଠାନର କେତୋଟି ମୁଖ୍ୟ କାର୍ଯ୍ୟାବଳୀ ନିମ୍ନରେ ପ୍ରଦ୍ଦତ୍ତ କରାଗଲା ।

## ୧୯.୨ ମୁଖ୍ୟ କାର୍ଯ୍ୟାବଳୀ (ଗବେଷଣା ଓ ଶିକ୍ଷାଦାନ)

- ଗବେଷଣା – ବିଭିନ୍ନ ସମାଜ ବିଜ୍ଞାନ ଦିଗ ଗୁଡିକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବା
- ଚିନ୍ତକ ଗୋଷ୍ଠୀ / ସମୁଚ୍ଚୟ - ଅର୍ଥବ୍ୟବସ୍ଥା , ସମାଜ ଏବଂ ଶାସନ ପଦ୍ଧତି / ନୀତି ନିର୍ଦ୍ଧାରଣ
- ଶିକ୍ଷାଦାନ ଓ ଗୁରୁ କାର୍ଯ୍ୟ- ବିଦ୍ଭୁଷଣ ଏବଂ ବିଦ୍ଭୁଷଣ ପରବର୍ତ୍ତୀ ଗବେଷଣା କାର୍ଯ୍ୟ
- ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମ - ଆଲୋଚନା ଚକ୍ର, କର୍ମଶାଳା, ସମ୍ମିଳନୀ , ପ୍ରଶିକ୍ଷଣ ଇତ୍ୟାଦି
- ଭାଗୀଦାରିତା- ଜାତୀୟ ଏବଂ ଆନ୍ତର୍ଜାତୀୟ

## ୧୯.୩ ଗବେଷଣା ଏବଂ ଶିକ୍ଷା ଜନିତ ପ୍ରକାଶନ ୨୦୧୯-୨୦୨୦ (ମୋଟ ସଂଖ୍ୟାରେ)

- ଗବେଷଣା ପ୍ରକଳ୍ପ/ ସନ୍ଦର୍ଭ -୨୧୪
- ପ୍ରକାଶନ
    - ପୁସ୍ତକ- ୫୮
    - ଗବେଷଣା ପତ୍ରିକାରେ ଲେଖା / ପୁସ୍ତକମାନଙ୍କରେ ଅଧ୍ୟାୟ-୩୨୩
    - କାର୍ଯ୍ୟରତ ନିବନ୍ଧ/ ସାମୟିକ ନିବନ୍ଧ- ୮୦
    - ଓଡିଶାର ଅର୍ଥନୀତି ଉପରେ ଅଲୋଚନା ଅନୁକ୍ରମ-୮
    - ଆଇଭିୟୁ ଅନୁକ୍ରମ -୨
    - ସଂକ୍ଷିପ୍ତ ନୀତି ପ୍ରସ୍ତାବ -୧୧
    - ବିଦ୍ଭୁଷଣ (ପିଏଚଡି): ଉପାଧି ସମ୍ମାନିତ -୨୨, କାର୍ଯ୍ୟରତ -୧୭

## ୧୯.୪ ସମାପ୍ତ ଗବେଷଣା ପ୍ରକଳ୍ପ (୨୦୨୦-୨୦୨୧)

- ନାଲକୋ, ଭୁବନେଶ୍ୱର ଦ୍ୱାରା ପ୍ରାୟୋଜିତ ନାଲକୋ ଅନୁଗୁଳର ଉତ୍କଳ-ଇ କୋଇଲା ଖଣିର ପାରିବାରିକ ବଂଶାବଳୀର ଅଦ୍ୟତନ ।
- କେନ୍ଦ୍ର ଉଚ୍ଚଶିକ୍ଷା ବିଭାଗ, ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ,ଭାରତ ସରକାରଙ୍କ ପ୍ରାୟୋଜିତ ଉଚ୍ଚଶିକ୍ଷା ଉପରେ ଅଖିଳ ଭାରତୀୟ ସର୍ବେକ୍ଷଣ(ଏଆଇଏସଏଚଇ-୨୦୧୯-୨୦) ।
- ଓଡିଶାର ଯୋଜନା ଓ ସଂଯୋଜନ ବିଭାଗ ଦ୍ୱାରା ପ୍ରାୟୋଜିତ ଓଡ଼ିଶା ରାଜ୍ୟରେ ବିଜୁ କନ୍ଧମାଳ ଓ ଗଜପତି ଯୋଜନା(ବିକେଜିଓାଇ) ଉପରେ ମୂଲ୍ୟାଙ୍କନ ଅଧ୍ୟୟନ ।
- ଭାରତର ନିର୍ବାଚନ ଆୟୋଗର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ପ୍ରାୟୋଜିତ "ଓଡ଼ିଶାର ନାଗରିକଙ୍କ ଜ୍ଞାନ, ମନୋଭାବ ଏବଂ ଆଭାସ" (କେଏପି) ଉପରେ ଏକ ଶେଷ ଲାଇନ୍ ସର୍ବେକ୍ଷଣ ।
- ଓଡିଶା ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ ପିସିସିଏଫଙ୍କ ଦ୍ୱାରା ପ୍ରାୟୋଜିତ ସେମାନଙ୍କର ସାମାଜିକ ତଥା ଅର୍ଥନୈତିକ ବିକାଶରେ କେନ୍ଦୁପତ୍ର ତୋଳାଳୀ ତଥା ବନ୍ଧାଳୀ ଏବଂ ଅନ୍ୟାନ୍ୟ ଋତୁକାଳୀନ କର୍ମଚାରୀଙ୍କ ପାଇଁ ଅନଲାଇନ ଦେୟ ପ୍ରଦାନର ପ୍ରଭାବ ।
- ଓଡ଼ିଶାର ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ୍)ଙ୍କ ଦ୍ୱାରା ପ୍ରାୟୋଜିତ ଜଙ୍ଗଲ ଅଧିକାର ଆଇନ ୨୦୦୬ ଆଧାରରେ ମାଲକାନଗିରି, ନବରଙ୍ଗପୁର ଏବଂ ଭବାନୀପାଟଣା କେନ୍ଦୁପତ୍ର ଡିଭିଜନରେ କାର୍ଯ୍ୟ କରୁଥିବା କେନ୍ଦୁପତ୍ର ଅନିୟନ୍ତ୍ରଣ ଉପରେ ଏହାର ପ୍ରଭାବ (ଡ୍ରାଫ୍ଟ ରିପୋର୍ଟ ଦାଖଲ) ।
- ଓଡ଼ିଶାର କୃଷି ବିଭାଗ ପ୍ରାୟୋଜିତ ଓଡ଼ିଶାର ଆଦିବାସୀ ଅଂଚଳରେ (ମାଲକାନଗିରି ଜିଲ୍ଲା) ସମନ୍ୱିତ କୃଷିର ପ୍ରୋତ୍ସାହନ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଉପରେ ବେସଲାଇନ୍ ସର୍ବେକ୍ଷଣ ରିପୋର୍ଟ ।
- ଓଡ଼ିଶା କ୍ଷୁଦ୍ରଶସ୍ୟ (ମିଲେଟ୍ସ) ମିଶନ ଅନ୍ତର୍ଗତ "ଓଡ଼ିଶାର ଆଦିବାସୀ ଅଂଚଳରେ କ୍ଷୁଦ୍ରଶସ୍ୟର ପ୍ରୋତ୍ସାହନ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଉପରେ ରିପୋର୍ଟ ଗୁଡିକ , ୧୨ ଗୋଟି ବେସଲାଇନ ସର୍ଭେ ରିପୋର୍ଟ ଏବଂ ଏକ ରାଜ୍ୟ ରିପୋର୍ଟ ଏନସିଡିଏସ ୱେବସାଇଟରେ ଅପଲୋଡ ଓ ପ୍ରକାଶିତ ହୋଇଛି ।

- ଓଡ଼ିଶାର ଆଦିବାସୀ ଅଂଚଳରେ କ୍ଷୁଦ୍ରଶସ୍ୟର ପ୍ରୋତ୍ସାହନ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅଧୀନରେ କ୍ଷେତ୍ର, ଅମଳ, ଉତ୍ପାଦନ ଏବଂ ଉତ୍ପାଦନର ମୂଲ୍ୟ -୨୦୧୭-୧୮ ପ୍ରଥମ ପର୍ଯ୍ୟାୟ ।
- ବେସଲାଇନ୍ ସର୍ବେକ୍ଷଣ - ୨୦୧୭-୧୮-ଦ୍ୱିତୀୟ ପର୍ଯ୍ୟାୟ (ଅଲଗା ଅଲଗା ୫ ଗୋଟି ରିପୋର୍ଟ) ବଲାଙ୍ଗୀର, କନ୍ଧମାଳ, କୋରାପୁଟ, ସୁନ୍ଦରଗଡ, ରାୟଗଡା ଜିଲ୍ଲା ।
- ବେସଲାଇନ୍ ସର୍ବେକ୍ଷଣ - ୨୦୧୮-୧୯ -ଦ୍ୱିତୀୟ ପର୍ଯ୍ୟାୟ (ଅଲଗା ଅଲଗା ୨ ଗୋଟି ରିପୋର୍ଟ) କେଉଁଝର, ମୟୂରଭଞ୍ଜ ଜିଲ୍ଲା ।
- ବେସଲାଇନ୍ ସର୍ବେକ୍ଷଣ - ୨୦୧୭-୧୮- ତୃତୀୟ ପର୍ଯ୍ୟାୟ କେଉଁଝର ଜିଲ୍ଲା ।
- ବେସଲାଇନ୍ ସର୍ବେକ୍ଷଣ - ୨୦୧୮-୧୯-ତୃତୀୟ ପର୍ଯ୍ୟାୟ (ଅଲଗା ଅଲଗା ୪ ଗୋଟି ରିପୋର୍ଟ) ବରଗଡ, ଗଂଜାମ, ନବରଂଗପୁର, ସୁନ୍ଦରଗଡ ଜିଲ୍ଲା ।

## ୧୯.୫ ବର୍ତ୍ତମାନ ଚାଲୁଥିବା ପ୍ରକଳ୍ପ (୨୦୨୧)

- ଭାରତରେ ଦାରିଦ୍ର୍ୟତାରେ ପରିବର୍ତ୍ତନର ବିଶ୍ଳେଷଣ, ବିଘଟନ, ଅର୍ନ୍ତଭୁକ୍ତିତା,ବହୁମୁଖୀ ପୁଷ୍ଟିକାରିତାର ଅଭାବ-ଭାରତୀୟ ସାମାଜିକ ବିଜ୍ଞାନ ଗବେଷଣା ପରିଷଦ, ନୂଆଦିଲ୍ଲୀ ପ୍ରାୟୋଜିତ (ସହଯୋଗ ଭିତ୍ତିକ) (୧୦ ସେପ୍ଟେମ୍ବର ୨୦୨୦ ପର୍ଯ୍ୟନ୍ତ)।
- କ୍ଷୁଦ୍ରଶସ୍ୟ ଆଧାରିତ ପୁଷ୍ଟିକର କାର୍ଯ୍ୟକ୍ରମ, ବର୍ଷାଜଳ ଆଧାରିତ କୃଷିରେ ତତ୍ତ୍ୱଗତ ଆହ୍ୱାନ ଓ ନୀତି ସମସ୍ୟା, ଭାରତୀୟ ସାମାଜିକ ବିଜ୍ଞାନ ଗବେଷଣା ପରିଷଦ, ନୂଆଦିଲ୍ଲୀ ପ୍ରାୟୋଜିତ (ସହଯୋଗ ଭିତ୍ତିକ) (୧୦ ସେପ୍ଟେମ୍ବର ୨୦୨୦ ପର୍ଯ୍ୟନ୍ତ)।
- ଗବେଷଣା ଓ ସଶକ୍ତୀକରଣ ପାଇଁ ନିରନ୍ତର ଖାଦ୍ୟ ଯୋଗାଣ ଜରିଆରେ ଭାରତର ସବୁଜ ବିପ୍ଳବକୁ ରୂପାନ୍ତରିତ କରିବା (ଟାଇଗ୍ରେସ୍), କେମ୍ବ୍ରିଜ ବିଶ୍ୱିଦ୍ୟାଳୟ ଦ୍ୱାରା ପରିଚାଳିତ ତଥା ଅନ୍ୟାନ୍ୟ ଅନୁଷ୍ଠାନ ସହିତ ସହଯୋଗ ଅଧାରରେ ଚାଲିଥିବା ଏକ ସହଯୋଗୀ ପ୍ରକଳ୍ପ ।
- ସାମ୍ପ୍ରତିକ ମହାମାରୀ ସମୟରେ ଓ ଏହା ପରେ ଓଡ଼ିଶାର ଅର୍ଥନୀତିକୁ ପୁନଃସ୍ଥାପିତ କରିବା -ଓଡିଶା ସରକାରଙ୍କ ଯୋଜନା ଓ ସଂଯୋଜନ ବିଭାଗ ଦ୍ୱାରା ପ୍ରାୟୋଜିତ ।
- ସିଙ୍ଗରେନୀ କୋଲେରିଜ କମ୍ପାନୀ ଲିମିଟେଡ ପ୍ରାୟୋଜିତ ଅନୁଗୁଳ ଜିଲ୍ଲାର ଛେଣ୍ଡିପଦା ତହସିଲର ନଇନୀ କୋଇଲା ଖଣି ଦ୍ୱାରା ପ୍ରଭାବିତ ଗ୍ରାମ ଗୁଡିକରେ ସାମାଜିକ ଓ ଅର୍ଥନୈତିକ ସର୍ବେକ୍ଷଣ ।
- ଓଡ଼ିଶା ଖଣି ନିଗମ ଲିମିଟେଡ ଦ୍ୱାରା ପ୍ରାୟୋଜିତ ଓଡ଼ିଶା ଖଣି ନିଗମର ବୈତରଣୀ ପଶ୍ଚିମ କୋଇଲା ଖଣିର ସାମାଜିକ ଅର୍ଥନୈତିକ ସର୍ବେକ୍ଷଣ।

- ଓଡିଶା ସରକାରଙ୍କ କୃଷି ବିଭାଗ ପ୍ରାୟୋଜିତ ଓଡ଼ିଶାର ଆଦିବାସୀ ଅଞ୍ଚଳରେ କ୍ଷୁଦ୍ରଶସ୍ୟର ପ୍ରୋତ୍ସାହନ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ।
- ଜିଲ୍ଲା ଖଣିଜ ପାଣ୍ଠି, କେନ୍ଦୁଝର ଦ୍ୱାରା ପ୍ରାୟୋଜିତ ଓଡ଼ିଶାର ଆଦିବାସୀ ଅଞ୍ଚଳ (କିମ୍ବା ଓଡିଶା କ୍ଷୁଦ୍ରଶସ୍ୟ ମିଶନ ବା ଓଏମଏମ) ରେ କ୍ଷୁଦ୍ରଶସ୍ୟର ପ୍ରୋତ୍ସାହନ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ର ବେସଲାଇନ୍ ରିପୋର୍ଟ ।
- ଜିଲ୍ଲା ଖଣିଜ ପାଣ୍ଠି,ସୁନ୍ଦରଗଡ ଦ୍ୱାରା ପ୍ରାୟୋଜିତ ଓଡ଼ିଶାର ଆଦିବାସୀ ଅଞ୍ଚଳ (କିମ୍ବା ଓଡିଶା କ୍ଷୁଦ୍ରଶସ୍ୟ ମିଶନ ବା ଓଏମଏମ) ରେ କ୍ଷୁଦ୍ରଶସ୍ୟର ପ୍ରୋତ୍ସାହନ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ବେସଲାଇନ୍ ରିପୋର୍ଟ ।
- ଓଡ଼ିଶା ସରକାରଙ୍କର କୃଷି ବିଭାଗ ପ୍ରାୟୋଜିତ ଓଡ଼ିଶାର ଆଦିବାସୀ ଅଂଚଳରେ (ମାଲକାନାଗିରି ଜିଲ୍ଲା) ସମନ୍ୱିତ ଚାଷର ପ୍ରୋତ୍ସାହନ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ।
- ଓଡ଼ିଶାର ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପ୍ରାୟୋଜିତ ଓଡ଼ିଶା ରାଜ୍ୟରେ ଉଚ୍ଚଶିକ୍ଷା ପାଇଁ ଡିଜିଟାଲ ଜେଣ୍ଡର ଆଟଲାସ,ଦ୍ୱୀତିୟ ପର୍ଯ୍ୟାୟ।
- ଭାରତ ସରକାରଙ୍କର ଉଚ୍ଚଶିକ୍ଷା ବିଭାଗ,ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ ଦ୍ୱାରା ପ୍ରାୟୋଜିତ ଉଚ୍ଚ ଶିକ୍ଷା ଉପରେ ଅଖିଳ ଭାରତୀୟ ସର୍ବେକ୍ଷଣ (ଏଆଇଏସଏଚଇ-୨୦୨୦-୨୧) ।
- ପୁରୀର ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଦ୍ୱାରା ପ୍ରାୟୋଜିତ ଶ୍ରୀଜଗନ୍ନାଥ ମନ୍ଦିରର ସେବାୟତ ପରିବାର ଉପରେ ସାମାଜିକ-ଅର୍ଥନୈତିକ ଅଧ୍ୟୟନ ।
- ଓଡ଼ିଶା ସରକାରଙ୍କ କୃଷି ବିଭାଗ ପ୍ରାୟୋଜିତ ମାଲକାନାଗିରି ଜିଲ୍ଲାରେ ବିଭିନ୍ନ ଫସଲ ଓ ପନିପରିବା ଚାଷପାଇଁ ହେଉଥିବା ଖର୍ଚ୍ଚର ମୂଲ୍ୟ(ସମନ୍ୱିତ କୃଷିର ଏକ ଉପାଦାନ) ।
- ଏନସିଡିଏସ ଦ୍ୱାରା ପ୍ରାୟୋଜିତ ଶିକ୍ଷଣ କାର୍ଯ୍ୟକ୍ରମ ପାଇଁ ପାରସ୍ପରିକ ଆଦାନ ପ୍ରଦାନର ସ୍ଥାନ ।

## ୧୯.୬ ଗବେଷଣା ପ୍ରକାଶନ (୨୦୧୯-୨୦୨୦)

- ଗବେଷଣା ପତ୍ରିକାରେ ଲେଖା / ପୁସ୍ତକରେ ଅଧ୍ୟାୟ-୧୩
- ଚାଲୁ ରହିଥିବା ଗବେଷଣା କାର୍ଯ୍ୟ ଉପରେ ଲେଖା -୩
- ସଂକ୍ଷିପ୍ତ ନୀତି ପ୍ରସ୍ତାବ -୩
- ଓଡିଶା ଅର୍ଥନୀତି ଉପରେ ଆଲୋଚନା କରାଯାଇଥିବା ଲେଖା- ୬

## ୧୯.୭ ଓଡିଶା ମିଲେଟସ୍ ମିଶନ(ଓ.ଏମ.ଏମ)

"ଓଡ଼ିଶାର ଆଦିବାସୀ ଅଂଚଳରେ କ୍ଷୁଦ୍ରଶସ୍ୟର ବିକାଶ (କିମ୍ବା ଓଡିଶା କ୍ଷୁଦ୍ରଶସ୍ୟ/ମିଲେଟସ୍ ମିଶନ୍)" କୁ ପ୍ରୋତ୍ସାହିତ କରିବା ପାଇଁ କରାଯାଇଥିବା ଏହି ସ୍ୱତନ୍ତ୍ର ଯୋଜନା ଓଡ଼ିଶାର ୧୪ ଜିଲ୍ଲାରେ ଥିବା ୭୬ଟି ବ୍ଲକରେ କାର୍ଯ୍ୟକାରୀ କରାଯାଉଛି । ଏଥିରେ କେଉଁଝର ଜିଲ୍ଲାର 7 ଟି ବ୍ଲକ ଓ ସୁନ୍ଦରଗଡ ଜିଲ୍ଲାର ୪ଟି ବ୍ଲକ ଜିଲ୍ଲା ଖଣିଜ ପାଣ୍ଠି ସହାୟତାରେ କାର୍ଯ୍ୟକାରୀ କରାଯାଉଛି । ଏହି ଯୋଜନାର ଏକ ଅନନ୍ୟ ଦିଗ ହେଉଛି ଏହାର ସାଙ୍ଗଠନିକ ଗଠନ । ଏଥିରେ ରାଜ୍ୟ ସରକାରଙ୍କ ସହିତ ଅନେକ ଶିକ୍ଷାବିତ୍, ଭଦ୍ର ସମାଜର ସଦସ୍ୟ ମାନେ ଦାବିଦାର ଅଛନ୍ତି । ଯେଉଁମାନେ କି ପୁଷ୍ଟି ସୁରକ୍ଷା ଓ ଜଳବାୟୁ ନମନୀୟତା ସମସ୍ୟାର ସମାଧାନପାଇଁ ପରସ୍ପରକୁ ପୂର୍ଣ୍ଣ ସହଯୋଗ ଦେଇ ପରିପୂରକ ସାଜିଥାଆନ୍ତି । ବେସଲାଇନ୍ ସର୍ବେକ୍ଷଣ ଆଧାରରେ ୨୦ଟି ରିପୋର୍ଟ ପ୍ରସ୍ତୁତ କରାଯାଇଛି ଯେଉଁଥିରୁ କି ୧୦ଟି ରିପୋର୍ଟ ପ୍ରକାଶିତ ହୋଇ ସାରିଛି ।




ଓଡିଶା ମିଲେଟ ମିଶନ କାର୍ଯ୍ୟକାରୀ ଜିଲ୍ଲା

## ୧୯.୮ ସମନ୍ୱିତ କୃଷି

ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ମାଲକାନାଗିରି ଜିଲ୍ଲାରେ ଓଡ଼ିଶାର ଆଦିବାସୀ ଅଞ୍ଚଳରେ ସମନ୍ୱିତ ଚାଷର ପ୍ରୋତ୍ସାହନ ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏହି କାର୍ଯ୍ୟକ୍ରମ ର ମୂଳ ଉଦ୍ଦେଶ୍ୟ ହେଉଛି ବାର୍ଷିକ ଅଭିବୃଦ୍ଧି ହାର ୧୦ ପ୍ରତିଶତରୁ

ଅଧିକ ହାସଲ କରି ଲୋକଙ୍କ ସମ୍ପତ୍ତି ଓ ଆୟ ବୃଦ୍ଧି କରିବା । ଏଥିପାଇଁ କ୍ଷେତ୍ର ବା ପୁଞ୍ଜ (କ୍ଲଷ୍ଟର) ପଦ୍ଧତି ଅବଲମ୍ବନ କରାଯାଉଛି ଯେଉଁଠାରେ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ପଶୁପାଳନ ଭଳି ସମସ୍ତ କାର୍ଯ୍ୟକଳାପ ୧୦ଟି ଗ୍ରାମପଞ୍ଚାୟତକୁ ନେଇ ଗଠିତ ପୁଞ୍ଜରେ କରାଯାଉଛି । ଏହି କାର୍ଯ୍ୟକ୍ରମ ସମ୍ପ୍ରତି ୪ ଟି ପୁଞ୍ଜରେ କାର୍ଯ୍ୟକାରୀ ହେଉଛି। ଏନସିଡିଏସ ପକ୍ଷରୁ ଏହି ସବୁ ପୁଞ୍ଜରେ ବେସଲାଇନ୍ ସର୍ବେକ୍ଷଣ ଶେଷ କରାଯାଇଛି ।

## ୧୯.୯ ରାଜ୍ୟ ସାମାଜିକ ପ୍ରଭାବ ଆକଳନ (ଏସଆଇଏ)ୟୁନିଟ୍

ରାଜ୍ୟରେ ବିଭିନ୍ନ ଯୋଜନା ପାଇଁ ଜମି ଅଧିଗ୍ରହଣ କରାଯିବାବେଳେ ସେହି ସ୍ଥାନର ଲୋକମାନଙ୍କ ଉପରେ ଏହାର କିପରି ପ୍ରଭାବ ପଡୁଛି ଏହାର ଅଧ୍ୟୟନ ପାଇଁ ରାଜ୍ୟ ସାମାଜିକ ପ୍ରଭାବ ଆକଳନ ୟୁନିଟ ଭୁବନେଶ୍ୱରର ନବକୃଷ୍ଣ ଚୌଧୁରୀ ବିକାଶ ଅଧ୍ୟୟନ କେନ୍ଦ୍ର (ଏନସିଡିଏସ) ରେ ୨୦୧୫ ମସିହା ଠାରୁ ଏକ ସ୍ୱାଧୀନ ସଂଗଠନ ଭାବରେ କାର୍ଯ୍ୟ କରୁଛି । ଏଠାରେ ଜମି ଅଧିଗ୍ରହଣ, ପୁର୍ନବାସ, ପୁନଃଥଇଥାନ ବେଳେ ନ୍ୟାୟପୂର୍ଣ୍ଣ କ୍ଷତିପୂରଣ, ସ୍ୱଚ୍ଛତା ଆଧାରିତ ବିଭିନ୍ନ ସାମାଜିକ ପ୍ରଭାବର ଆକଳନ କରାଯାଉଛି । ପୁନଃବିସ୍ଥାପନ ଆଇନ ୨୦୧୩, (ଆରଇସିଟୀଏଲଏଆରଆର ଆଇନ୍-୨୦୧୩) ଏବଂ ଓଡିଶା ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରସ୍ତାବ (ରିଜୋଲ୍ୟୁସନ) ନମ୍ବର ୨୦୨୧୪ ଅନୁଯାୟୀ ପ୍ରଫେସର ଶିବଲାଲ ମେହେରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ କରୁଛି। ଓଡିଶାରେ ସାମାଜିକ ପ୍ରଭାବ ଅଧ୍ୟୟନ କରିବା ପାଇଁ ୪୦ଟି ସହଭାଗୀ ସଂସ୍ଥା ଅଛନ୍ତି । ଏହି ସଂଗଠନ ଆଜି ପର୍ଯ୍ୟନ୍ତ ୧୬୬ ଟି ସ୍ଥାନର ପ୍ରଭାବ ଆକଳନ କରିଛି । ଯେଉଁଥିରୁ ୯୨ଟିର ଅଧ୍ୟୟନ ସଫଳତାର ସହିତ ସମାପ୍ତ ହୋଇଛି । ଯେଉଁଥିପାଇଁ ୮(୨) ର ଘୋଷଣା କରାଯାଇଥିଲା । ଆର୍ଥିକ ବର୍ଷ ୨୦୨୦-୨୧ ସମୟରେ ଏହି ୟୁନିଟ ବିଭିନ୍ନ ପଞ୍ଜୀକୃତ ସଂସ୍ଥା (ଅରଓ) ରୁ ପାଣ୍ଠି ଗ୍ରହଣ କରିଛି । ୨୮ଟି ଅଧ୍ୟୟନ କାର୍ଯ୍ୟ ପାଇଁ ଅଧ୍ୟୟନ ଏଜେନ୍ସି (ସଂସ୍ଥା) ସହିତ ଚୁକ୍ତିନାମା ସ୍ୱାକ୍ଷର କରିଛି । ଛଅଟି ଅଧ୍ୟୟନର ଚୂଡାନ୍ତ ବିବରଣୀ (ରିପୋର୍ଟ) ଦାଖଲ କରାଯାଇ ସାରିଛି। ଚାରୋଟିର ଅଧ୍ୟୟନ ଚାଲିଥିବା ବେଳେ ୧୮ଟି ଅଧ୍ୟୟନର ୪(୧) ବିଜ୍ଞପ୍ତି ଆସି ନାହିଁ ।

## ୧୯.୧୦ ସର୍ବ ଭାରତୀୟ ଉଚ୍ଚଶିକ୍ଷା ୟୁନିଟ (ଏଆଇଏସଏଚଇ)

ଏହି ସଂସ୍ଥାଟି ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧିନରେ ରହିଛି । ନୀତି ନିର୍ଦ୍ଧାରଣ ପାଇଁ ତଥ୍ୟ ବା ଡାଟା ବେସ ପ୍ରସ୍ତୁତ କରିବା ପାଇଁ ଏଆଇଏସଏଚଇ ପକ୍ଷରୁ ସଂଗୃହିତ ତଥ୍ୟର ଉପଯୋଗ ହୋଇଥାଏ । ଏଆଇଏସଏଚଇ ପକ୍ଷରୁ ପ୍ରତିବର୍ଷ ରାଜ୍ୟର ସମସ୍ତ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଯେପରିକି ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ତଥା ଓଡିଶାର ସ୍ୱତନ୍ତ୍ର ଅନୁଷ୍ଠାନମାନଙ୍କରୁ ଏହି ତଥ୍ୟ ସଂଗ୍ରହ କରାଯାଇଥାଏ ।

## ୧୯.୧୧ ଶିକ୍ଷା ସଂପର୍କିତ କାର୍ଯ୍ୟାବଳୀ (୨୦୧୯-୨୦)

- ବିଭୁଷଣ (ପିଏଚଡି) କାର୍ଯ୍ୟକ୍ରମ – ସର୍ବମୋଟ ୬ଜଣ ଶିକ୍ଷାର୍ଥୀ ଡେଭେଲମେଣ୍ଟ ଷ୍ଟଡିଜ୍‌ରେ ବିଭୁଷଣ (ପିଏଚଡି) ପାଇଁ ନାମ ପଞ୍ଜୀକରଣ କରିଛନ୍ତି ଏବଂ ୨ଜଣ ଶିକ୍ଷାର୍ଥୀ ପ୍ରି-ପିଏଚଡି ପାଠ୍ୟକ୍ରମ ସମାପ୍ତ କରିଛନ୍ତି ।
- ପ୍ରଶିକ୍ଷଣ / କର୍ମଶାଳା – କୋଭିଡ-୧୯ ହେତୁ ସଂଗଠିତ ହେବାକୁ ଅସମର୍ଥ
- ସମ୍ମୀଳନୀ /ଆଲୋଚନା ଚକ୍ର/ବକ୍ତୃତା – ୨ (ଭର୍ଚୁଆଲ୍ ମାଧ୍ୟମରେ)
- ଭିଜିଟିଙ୍ଗ ଫେଲୋ /ବିଦ୍ୱାନ- ୨
- ଇନ୍‌ଟର୍ନସିପ – କୋଭିଡ-୧୯ ହେତୁ ସଂଗଠିତ ହେବାକୁ ଅସମର୍ଥ




କଳିଙ୍ଗ ଲେକ୍ଚର 2020 ର ପୋଷ୍ଟର




କଳିଙ୍ଗ ଲେକ୍ଚର 2020 ର ସ୍କ୍ରୀନସଟ




ଜାତୀୟ ପରିସଂଖ୍ୟାନ ଦିବସ ୨୦୨୦ ଅବସରରେ ଆୟୋଜିତ ଆଲୋଚନା ଚକ୍ର ର ପୋଷ୍ଟର




ଜାତୀୟ ପରିସଂଖ୍ୟାନ ଦିବସ ୨୦୨୦ ଅବସ ରେ ଆୟୋଜିତ ଆଲୋଚନା ଚକ୍ରର ସ୍କ୍ରୀନସଟ

## ୧୯.୧୨ ଭିତ୍ତିଭୂମିର ସୁବିଧା ସୁଯୋଗ

ସମାଜ ବିଜ୍ଞାନରେ ଗବେଷଣା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଏହି ସଂସ୍ଥାଟିରେ ବିଭିନ୍ନ ପ୍ରକାର ଭିତ୍ତିଭୂମିର ସୁବିଧା ସୁଯୋଗ ରହିଅଛି

- **ପ୍ରଶାସନିକ ଗୃହ/ ବିଭାଗ**- ଏଠାରେ ପ୍ରସାଶନିକ କାର୍ଯ୍ୟାଳୟ , ସାମାଜିକ ପ୍ରଭାବ ଆକଳନ ୟୁନିଟ, ସର୍ବଭାରତୀୟ ଉଚ୍ଚଶିକ୍ଷା ସର୍ବେକ୍ଷଣ ୟୁନିଟ, ଓଡିଶା ମିଲେଟସ୍ ମିଶନ କାର୍ଯ୍ୟାଳୟ , କମ୍ପୁଟର କକ୍ଷ, ଜନଗଣନା ବିନିର୍ମାଣ ପକ୍ରିୟାର ଏକ କର୍ମସ୍ଥାନ ଓ ୨ ଗୋଟି ସମ୍ମିଳନୀ କକ୍ଷ ରହିଅଛି । ସଂପୂର୍ଣ୍ଣ ବିଭାଗଟିରେ ୱାଇଫାଇ ଏବଂ ଲାନ୍ ସୁବିଧା ମଧ୍ୟ ଉପଲବ୍ଧ ।
- **ପାଠାଗାର/ପୁସ୍ତକାଳୟ** -ଏଠାରେ ୧୯ହଜାର ପୁସ୍ତକ, ୭୬ ପ୍ରକାରର ଗବେଷଣା ପତ୍ରିକା (୩୦ବର୍ଷ ପୂର୍ବର ପ୍ରକାଶନ ସହିତ) ଇତ୍ୟାଦି ଉପଲବଧ୍ । ଏତଦ୍‌ବ୍ୟତୀତ ଅନୁଷ୍ଠାନଟି ଇ-ପାଠାଗାରର ସୁବିଧା ଯୋଗାଇଥାଏ । ସଂପୂର୍ଣ୍ଣ ବିଭାଗଟିରେ ୱାଇଫାଇ ସୁବିଧା ସହିତ ଅନ୍ୟାନ୍ୟ ସୁବିଧା ମଧ୍ୟ ଉପଲବ୍ଧ ।
- **ଛାତ୍ରାବାସ ତଥା ଅତିଥି ଭବନ** -ସମସ୍ତ ସୁବିଧା ସୁଯୋଗ ଥାଇ ଅତିଥିମାନଙ୍କ ରହଣି ପାଇଁ ଏଠାରେ ୨ଗୋଟି ବାତାନୁକୂଳିତ କକ୍ଷ ଉପଲବ୍ଧ । ଏତଦବ୍ୟତୀତ ଏଠାରେ ଗୋଟିଏ ସମ୍ମିଳନୀ କକ୍ଷ ଏବଂ ଗୋଟିଏ ଭୋଜନାଳୟ ରହିଅଛି । ଛାତ୍ରଛାତ୍ରୀ ମାନଙ୍କ ପାଇଁ ୮ଗୋଟି କକ୍ଷ ସହିତ୨ ଗୋଟି ଶୟନାଗାର (୭ ଗୋଟି ଶୟନ ଖଟ ସୁବିଧା ସହିତ ) ମଧ୍ୟ ଉପଲବ୍ଧ ।
- **ସୌରଶକ୍ତି ଏବଂ ବର୍ଷାଜଳ ସଂରକ୍ଷଣ ବ୍ୟବସ୍ଥା** –ସୌର ଶକ୍ତି ସଂଗ୍ରହ କରି ତାହାକୁ ବ୍ୟବହାର କରାଯାଇ ପାରିବାର ସୁବିଧା ସହିତ ସଂସ୍ଥାର ୩ଟିଯାକ କୋଠାରୁ ବର୍ଷାଜଳ ସଂରକ୍ଷଣ ବ୍ୟବସ୍ଥା ମଧ୍ୟ ଉପଲବ୍ଧ ।

## ୧୯.୧୩ ୨୦୨୧-୨୨ ମସିହା ପାଇଁ ହେବାକୁ ଥିବା କାର୍ଯ୍ୟ

୨୦୨୦-୨୧ ମସିହାରୁ ଚାଲୁଥିବା ସମସ୍ତ ଗବେଷଣା ପ୍ରକଳ୍ପ ଏବଂ ଅନ୍ୟାନ୍ୟ ପ୍ରକଳ୍ପ ଗୁଡିକ ପୂର୍ବପରି ଚାଲୁ ରହିବ । ଏଥି ସହିତ କୋଭିଡ-୧୯ ପରିସ୍ଥିତି ସ୍ୱାଭାବିକ ହେବା ପରେ ବିଭିନ୍ନ ଆଲୋଚନା ଚକ୍ର, କର୍ମଶାଳା, ତାଲିମ କାର୍ଯ୍ୟକ୍ରମ ଇତ୍ୟାଦି ମଧ୍ୟ ଚାଲୁ ରହିବ ।



ଏନ୍ ସି ଡି ଏସ  ର ପ୍ରଶାସନିକ ଗୃହ



ଏନ୍ ସି ଡି ଏସ ପାଠାଗାର/ ପୁସ୍ତକାଳୟ ଏବଂ ଇ-ଲାଇବ୍ରେରୀ




ଶ୍ରୀ ଜଗନ୍ନାଥ ମନ୍ଦିର ସେବାୟତ ଅଧ୍ୟୟନର ପ୍ରକଳ୍ପ ନିର୍ଦ୍ଦେଶକ ଡକ୍ଟର ରଶ୍ମୀ ମିଶ୍ର ୧୮-୧୨-୨୦୨୦ରେ ଅଧ୍ୟୟନର ପ୍ରଶିକ୍ଷଣ କାର୍ମଶାଳା ସମୟରେ ପୁରୀ ଜିଲ୍ଲାପାଳ ଏବଂ ମନ୍ଦିର ପ୍ରାଶାସନର ଅଧିକାରୀଙ୍କ ସହ

## ୨୦ 5T

5T (ସ୍ୱଚ୍ଛତା, ଦଳଗତ କାର୍ଯ୍ୟ, ପ୍ରଯୁକ୍ତିବିଦ୍ୟା, ସମୟ , ରୂପାନ୍ତର) ହେଉଛି ଏକ ନାଗରିକ କୈନ୍ଦ୍ରିକ ଶାସନ ମଡେଲ ଯାହା ଓଡିଶା ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଛି । 5T ଅଧୀନରେ ପ୍ରଯୁକ୍ତିବିଦ୍ୟା ଉପରେ ଧ୍ୟାନ ଦିଆଯାଇଛି ଯାହା ନିଷ୍ପତ୍ତି ନେବା ସମୟକୁ ହ୍ରାସ କରିବା ସହିତ ସରକାରଙ୍କ ବିଭିନ୍ନ ଯୋଜନାର ଉତ୍ତମ ନିରୀକ୍ଷଣ କରିବାରେ ସହାୟକ ହେବ । ଏହା ସ୍ୱଚ୍ଛ ପ୍ରଶାସନ ଏବଂ ସମୟାନୁବର୍ତ୍ତୀ ଲକ୍ଷ୍ୟ ଉପଲବ୍ଧି କରିବାରେ ସାହାଯ୍ୟ କରିବ। ସମସ୍ତ ବିଭାଗର 5T କାର୍ଯ୍ୟଯୋଜନା, ଏହି ବିଭାଗରେ ଏକତ୍ରୀକରଣ କରି ସେମାନଙ୍କର ଅଗ୍ରଗତି ନିୟମିତ ଭାବେ ତଦାରଖ କରାଯାଏ । 5T କାର୍ଯ୍ୟସୂଚୀ ଅଧୀନରେ ବିଗତ ୨୦ ବର୍ଷ ଉପରେ ଧ୍ୟାନ ଦେଇ ବିଶ୍ୱ ସ୍ତରୀୟ ପ୍ରଲେଖନ ଏବଂ ବ୍ରାଣ୍ଡ ଓଡିଶାର ପ୍ରୋତ୍ସାହନ, ଆଧୁନିକ ବଜେଟ୍ ପଦ୍ଧତିର କାର୍ଯ୍ୟାନ୍ୱୟନ, ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍ ଡି ଜି) ସୂଚକାଙ୍କ ଉପରେ ବେସ୍ ଲାଇନ୍ ରିପୋର୍ଟ ପ୍ରସ୍ତୁତି ଚାଲିଛି । ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମର ବ୍ଲକ ସ୍ତର ରେ ପୁନରାବୃତ୍ତି ପାଇଁ ନିମ୍ନ ବିକଶିତ ବ୍ଲକ ୨୦%(୭୦ ବ୍ଲକ) ଚିହ୍ନଟ ସରିଛି ଏବଂ ସେମାନଙ୍କର ନିରୀକ୍ଷଣ ପାଇଁ ଡ୍ୟାସବୋର୍ଡ ବିକଶିତ କରାଯାଉଛି । ଏହା ବ୍ୟତୀତ DMF ପାଣ୍ଠିର ଉପଯୋଗକୁ ସୁଗମ କରିବା, ଏମପିଏଲଏଡି/ ଏମଏଲଏଏଲଏଡି/ ଡବ୍ଲ୍ୟୁଡିସି ପ୍ରକଳ୍ପର କାର୍ଯ୍ୟାନ୍ୱୟନ କୁ ପୁନଃ ଇଞ୍ଜିନିୟରିଂ କରାଯାଉଛି । ଓଆରଟିପିଏସ ଅଧିନିୟମ ଅଧୀନରେ ଅନଲାଇନ ଜନ ସେବା ବିତରଣର ସ୍ଥିତି ଏବଂ ସମସ୍ତ ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା 5ଟି ଚାର୍ଟର ଉପରେ ଏକ ଦସ୍ତାବିଜ ବାହାର କରାଯାଇଛି ଏବଂ ମୁଖ୍ୟ ସଚିବଙ୍କ ଦ୍ୱାରା ଅନୁମୋଦନ କରାଯାଇଛି ।

***